## ସଂକ୍ଷେପରେ

### ସଚିବଙ୍କୁ ସମସ୍ୟା ଜଣାଇଲେ ବିଧାୟକଙ୍କ ପ୍ରତିନିଧି

**ଢେଙ୍କାନାଳ ଅଫିସ, ୩୧।୧୦:** ଢେଙ୍କାନାଳ ଗସ୍ତରେ ଆସିଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି ବିଧାୟକ ସୁଧୀର କୁମାର ସାମଲଙ୍କ ପ୍ରତିନିଧି ଦେବାଶିଷ ମିଶ୍ର। ଶିଳ୍ପ ପ୍ରଭାବିତ ଜିଲାରେ ମାଇନିଂ ମିନେରାଲ ଫଣ୍ଡ ଅର୍ଥରୁ ଡାକ୍ତର, ଶିକ୍ଷକ ନିଯୁକ୍ତି ଦିଆଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ହେଲେ ଢେଙ୍କାନାଳ ଜିଲାକୁ ଏହି ତାଲିକାଭୁକ୍ତ କରାଯାଇନାହିଁ। ଏଥିପ୍ରତି ଦୃଷ୍ଟି ଦେବାକୁ ସେ ସଚିବଙ୍କୁ ଜଣାଇଛନ୍ତି। ସେହିପରି ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟା ଦେଖାଦେଇଛି। ଆବଶ୍ୟକ ସ୍ଥାୟୀ ଅଧାପକ ନ ଥିବାରୁ ଢେଙ୍କାନାଳ କଲେଜ ସ୍ୱୟଂଶାସିତ ମାନ୍ୟତା ହରାଇବା ନେଇ ୟୁଜିସି ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଏଥିପ୍ରତି ପଦକ୍ଷେପ ନେବାକୁ ବିଧାୟକଙ୍କ ପ୍ରତିନିଧି ସଚିବଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ଢେଙ୍କାନାଳ ପୌରସଂସ୍ଥା, ଗଁଦିଆ, ସଦର, ଓଡ଼ାପଡ଼ା ବ୍ଲକରେ ପାନୀୟ ଜଳ ସମସ୍ୟାର ସମାଧାନ, ଢେଙ୍କାନାଳରେ ଏକ ମେଡିକାଲ କଲେଜ ସ୍ଥାପନ କରିବାକୁ ସେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

### ବାର୍ହା ଫାଶରେ ପଡ଼ି ଛେଳି ମୃତ, ଥାନାରେ ମାମଲା

**ହିନ୍ଦୋଳ, ୩୧।୧୦(ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍ଏସି ଅନ୍ତର୍ଗତ ରୁପାଳି ଗ୍ରାମରେ ବାର୍ହା ଫାଶରେ ପଡ଼ି ଏକ ଛେଳିର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରୁପାଳି ଗ୍ରାମର ଅଜୟ ନାଏକ (୫୦) ଛେଳି ପାଳନ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ସବୁଦିନ ପରି ସେ ଗୁରୁବାର ଛେଳିଙ୍କୁ ଚରାଇବାକୁ ନେଇଥିଲେ। ହେଲେ ପଲରୁ ଗୋଟିଏ ଛେଳି ହଜିଯାଇଥିଲା। ଖୋଜାଖୋଜି କରିବା ବେଳକୁ ଗ୍ରାମ ନଳକୂଅ ନିକଟରେ ବାର୍ହା ଫାଶରେ ପଡ଼ି ଛେଳିଟିର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଥିଲା। ଛାନ୍‌ଭିନ୍ ବେଳେ ଗ୍ରାମର ସୁରେଶ ନାଏକ ଏହି ଫାଶ ପକାଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ଅଜୟ ପଚାରିବାରେ ଅଜୟ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ଅଜୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.ELS-ANGL-OT-19-20-13

**କାର୍ଯ୍ୟର ନାମ :** ଇଲେକ୍ଟ୍ରିକ୍ ଲୋକୋ ସେଡ୍(ELS), ଅନୁଗୋଳ ଠାରେ WAG-7 ଇଲେକ୍ଟ୍ରିକ୍ ଇଂଜିନ୍ (ଲୋକୋମୋଟିଭ)ଗୁଡ଼ିକର M/s Faively Transport Rail Technologies India Ltd (FTRTIL) ଏବଂ M/s SAB WABCO ଦ୍ୱାରା ନିର୍ମିତ ଏୟାର ଡ୍ରାୟରଗୁଡ଼ିକର ଓଭରହଲିଙ୍ଗ୍ (Overhauling)।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 14,90,005/-, EMD (ଟଙ୍କାରେ) : 29,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 12 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.11.2019ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.15.11.2019ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRS), ଅନୁଗୋଳ
PR-471/K/19-20


## ■ଢେଙ୍କାନାଳରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

# ‘୫-ଟି’ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ/ଓଡ଼ାପଡ଼ା (ଡି.ଏନ.ଏ.), ୩୧।୧୦**

■ବିଭିନ୍ନ ଯୋଜନା ଦେଖିଲେ, ହିତାଧିକାରୀଙ୍କୁ ଭେଟିଲେ

■ତ୍ୱରିତ ସେବା ଉପରେ ଅଗ୍ରାଧିକାର ଦେବାକୁ ପରାମର୍ଶ

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର ବୁଧବାରଠାରୁ ୨ଦିନିଆ ଢେଙ୍କାନାଳ ଗସ୍ତରେ ଆସି ୧୩ଗୋଟି ଯୋଜନାର ସମୀକ୍ଷା କରିଛନ୍ତି। ସେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିବା ସହ ହିତାଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏଥିସହ ‘୫-ଟି’ କାର୍ଯ୍ୟକାରିତା ଏବଂ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇଦେବା ନେଇ ଯତ୍ନବାନ ହେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ସଚିବ ମୋ ସରକାର, ଆକାଂକ୍ଷା ଜିଲା, ମମତା ଯୋଜନା, ବିଜୁ ପକ୍କାଘର, ଉଠା ଜଳସେଚନ, ମିଶନ ଶକ୍ତି, ପାନୀୟଜଳ ଯୋଗାଣ, ନିରାମୟ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଗ୍ରାମ୍ୟ ବିଦ୍ୟୁତୀକରଣ, ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ଯୋଜନା, ସମଗ୍ର ଶିକ୍ଷା ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏଥିସହ ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ, ଲୋକମାନଙ୍କ ନିକଟରେ ଯୋଜନା ପହଞ୍ଚାଇବା ନେଇ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। ଆକାଂକ୍ଷା ଜିଲା ଅଧୀନ ୫ ମୁଖ୍ୟ ସେକ୍ଟର ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ଜଳ ସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, କୌଶଳ ବିକାଶ, ମୌଳିକ ଭିତ୍ତିଭୂମି କ୍ଷେତ୍ରରେ ୪୯ ସୂଚକାଙ୍କ ଉପରେ ସମୀକ୍ଷା କରାଯାଇଥିଲା। ଜୁନ୍ ଏବଂ ଜୁଲାଇରେ ଢେଙ୍କାନାଳ ଜିଲା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ କୌଶଳ ବିକାଶ କ୍ଷେତ୍ର ମାନଦଣ୍ଡରେ ୧ନଂ. ସ୍ଥାନରେ ରହିଥିଲା। ଏହାକୁ ନେଇ ସଚିବ ସନ୍ତୋଷ ବ୍ୟକ୍ତ କରିଛନ୍ତି। ପଛୁଆ ସୂଚକାଙ୍କରେ ଉନ୍ନତି ଆଣିବା ସହ ସ୍ୱାସ୍ଥ୍ୟ, କୃଷି କ୍ଷେତ୍ର ପ୍ରତି ଅଧିକ ଦୃଷ୍ଟି ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଗୁରୁବାର ଓଡ଼ାପଡ଼ା ବ୍ଲକ ପରିଦର୍ଶନରେ ଯାଇଥିବା ଅତିରିକ୍ତ ମୁଖ୍ୟ ସଚିବ ବିକାଶମୂଳକ କାର୍ଯ୍ୟ ବୁଲି ଦେଖିବା ସହ ହିତାଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେ ଶିବପୁର ଆଶ୍ରମ ବିଦ୍ୟାଳୟ, ଛାତ୍ରୀନିବାସ, ଅଙ୍ଗନୱାଡି କେନ୍ଦ୍ର, ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନୂଆ ବାଙ୍ଗୁରସିଂହ ଗ୍ରାମର ସୌଭାଗ୍ୟ ଯୋଜନାରେ ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟ, ଜୟ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ୟୁନିଟ୍, ଇନ୍ଦିପୁର ଅଙ୍ଗନୱାଡି କେନ୍ଦ୍ର, ଛତୁଚାଷ ଏବଂ କତାଶିଳ୍ପ ବୁଲି ଦେଖିଥିଲେ। ଏଥିସହ କାଶିଆଡିହି ପଞ୍ଚାୟତରେ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଉପକୃତ ହୋଇଥିବା ଚାଷୀ ବିପିନ ବିହାରୀ ଜେନା, ଜ୍ୟୋତ୍ସ୍ନାରାଣୀ ସାହୁଙ୍କୁ ଭେଟି ଆଲୋଚନା କରିଥିଲେ। ଜନପ୍ରତିନିଧିଙ୍କ ସହ ମତ ବିନିମୟ କରିବା ସହ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଏହି ଅବସରରେ ଓଡ଼ାପଡ଼ା ସାମ୍ବାଦିକ ସଂଘ ପକ୍ଷରୁ ଗୋଷ୍ଠୀକେନ୍ଦ୍ରରେ ୨୪ ଘଣ୍ଟିଆ ଦୁର୍ଘଟଣାଜନିତ ଚିକିତ୍ସା ସେବାକେନ୍ଦ୍ର ଖୋଲିବା, ଆବଶ୍ୟକ ଡାକ୍ତର ଏବଂ କର୍ମଚାରୀ ନିଯୁକ୍ତି କରିବା ପାଇଁ ଦାବି କରାଯାଇଥିଲା।

### ପିଲାମାନଙ୍କ ସହ ଖାଇଲେ



କାଶିଆଡିହି ଶ୍ରୀଲୋକନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହ ଅତିରିକ୍ତ ମୁଖ୍ୟଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ମଧ୍ୟାହ୍ନ ଭୋଜନ କରୁଛନ୍ତି।

ଢେଙ୍କାନାଳ ଗସ୍ତ ଅବସରରେ ଗୁରୁବାର ଅପରାହ୍ନରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଓଡ଼ାପଡ଼ା ବ୍ଲକ କାଶିଆଡିହ ପଞ୍ଚାୟତର ଶ୍ରୀଲୋକନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ମଧ ପିଲାଙ୍କ ସହ ମିଶି ଖାଇଥିଲେ। ଏହାପରେ ଇନ୍ଦିପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଖାଉଟି ସାମଗ୍ରୀ ବିତରଣ କେନ୍ଦ୍ରରେ ସଚିବଙ୍କ ଉପସ୍ଥିତିରେ ଅନ୍ତ୍ୟୋଦୟ ଯୋଜନାରେ ଜଣେ ହିତାଧିକାରୀଙ୍କୁ ଇ-ପାସ୍ ମାଧ୍ୟମରେ ଚାଉଳ ବଣ୍ଟନ କରାଯାଇଥିଲା।

ଅପରାହ୍ନ ୨ଟାରେ ସଚିବ ଜିଲା ଚିକିତ୍ସାଳୟ ପରିଦର୍ଶନ କରି ଭିତ୍ତିଭୂମି ପରଖିଥିଲେ। ଏଠାରେ ଉପଲବ୍ଧ ଆନୁଷଙ୍ଗିକ ବ୍ୟବସ୍ଥା ଦେଖି ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସଚିବଙ୍କ ଗସ୍ତ ସମୟରେ ଜିଲାପାଳ, ପିଡି ଡିଆର୍‌ଡିଏ, ଏସ୍‌ପି ଅନୁପମା ଜେମ୍‌ସ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ସରୋଜ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଗୌରାଙ୍ଗ ପୃଷ୍ଟି ହତ୍ୟାକାଣ୍ଡ ମାମଲା

## କ୍ରାଇମବ୍ରାଞ୍ଚ ତଦନ୍ତ

**ଢେଙ୍କାନାଳ ଅଫିସ, ୩୧।୧୦**

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଟାଙ୍ଗର ଗ୍ରାମର ବହୁଚର୍ଚ୍ଚିତ ଗୌରାଙ୍ଗ ପୃଷ୍ଟି ହତ୍ୟାକାଣ୍ଡ ମାମଲାରେ ଗୁରୁବାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ବିଭାଗୀୟ ଡିଆଇଜି ଅମିତେନ୍ଦ୍ର ସିହ୍ନା ଗ୍ରାମରେ ପହଞ୍ଚି ସାକ୍ଷୀଙ୍କ ବୟାନ ଆଧାରରେ ଛାନ୍‌ଭିନ୍ କରିଛନ୍ତି। ଏହି ଅବସରରେ ସେ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ବୟାନ ରେକର୍ଡ କରିଥିଲେ। ସୂଚନାଯୋଗ୍ୟ, ୨୦୧୩ ଅଗଷ୍ଟ ୮ରେ ଗଙ୍ଗାଧର ପୃଷ୍ଟିଙ୍କ ପୁଅ ଗୌରାଙ୍ଗ (୨୨) ନିଖୋଜ ହୋଇଯାଇଥିବା ନେଇ ପରିବାର ପକ୍ଷରୁ ପଣ୍ଡୁଆ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୫୭/୧୩ରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ତଦନ୍ତରେ ମନ୍ଥର ଏବଂ ଏଥିରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ନେଇ ଭଜମନ ଏନ୍ଏଚ୍ଆର୍‌ସିରେ ନଂ.୪୭୩୫/୧୮।୪।୨୦୧୩ରେ ମାମଲା ରୁଜୁ କରିଥିଲେ। ଏହାପରେ କମିଶନର ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ଓଡ଼ିଶା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ୩ଥର ତଦନ୍ତ ପରେ ବି କୌଣସି ସୁଫଳ ମିଳି ନ ଥିଲା। ଏପରି କି ପୋଲିସ ଆକ୍ରୋଶମୂଳକ ମନୋଭାବ ରଖି ଭଜମନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିଥିବା ନେଇ ସେ ପୁଣି ଥରେ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନ୍ଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ସାକ୍ଷୀଙ୍କ ବୟାନ ରେକର୍ଡ କରିଛନ୍ତି। ଏହି ମାମଲା କାମାକ୍ଷାନଗର ଅଦାଲତରେ ବିଚାରାଧୀନ ରହିଛି।

## ■ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

# ଭାଗ ନେଲେ ୪୦୦ ପ୍ରତିଯୋଗୀ



ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରୀଛାତ୍ର, ଶିକ୍ଷକଙ୍କ ସମେତ କମ୍ପାନୀର କର୍ମଚାରୀମାନେ।

**ଢେଙ୍କାନାଳ ଅଫିସ, ୩୧।୧୦**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍ଏଲ୍ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମର ୩ ସ୍କୁଲରେ ଗୁରୁବାର ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସହଭାଗିତାରେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କାନାଳ, ହିନ୍ଦୋଳ, ବଅଁରପାଳ ଏବଂ ଅନୁଗୋଳ ବ୍ଲକ ଅଧୀନ ବିଭିନ୍ନ ହାଇସ୍କୁଲର ୪୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ଖଲିବେରେଣା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମିଶ୍ର, ଟାଟାଷ୍ଟିଲ ବିଏସ୍ଏଲ୍ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗ ମୁଖ୍ୟ ଦିବ୍ୟହାସ ରାୟ, ସର୍ବେଶ୍ୱର ନାଥ ପ୍ରମୁଖ ଉପସ୍ଥିତ ରହି କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ପାଇକ ପୁରୁଣାକୋଟ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଧର ଏବଂ ଇନ୍ଦିରାଗାନ୍ଧୀ ବାଳିକା ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସଙ୍କ ଉପସ୍ଥିତିରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ୩୧ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଗତ ଜୁନ୍ ୩ରେ ଏହାର ତ୍ରୟୋଦଶ ସଂସ୍କରଣକୁ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ଏଥିରେ ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଓପନ କୁଇଜ ପ୍ରତିଯୋଗିତା ଏବଂ ୯ମ ଓ ୧୦ ଶ୍ରେଣୀ ପିଲାଙ୍କ ପାଇଁ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରବନ୍ଧ ବିଭାଗରେ ଜିଲାର ୨ ଜଣ ରାଜ୍ୟସ୍ତରକୁ ଚୟନ ହେବେ। ପଠାଣି ସାମନ୍ତଙ୍କ ଜୟନ୍ତୀ ଉପଲକ୍ଷେ ଡିସେମ୍ବର ୧୨ ଓ ୧୩ରେ ଭୁବନେଶ୍ୱରରେ ପ୍ରତିଯୋଗିତାର ଫାଇନାଲ ଅନୁଷ୍ଠିତ ହେବ। ସେଠାରେ ଶ୍ରେଷ୍ଠ ୨୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ।

ସୂଚନାଯୋଗ୍ୟ, ପ୍ରସିଦ୍ଧ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ମହାକାଶ ସମ୍ପର୍କିତ ଗବେଷଣାକୁ ମନେପକାଇ ଏପରି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ୧୨ ବର୍ଷ ଭିତରେ ୧ଲକ୍ଷ ୩୮ହଜାର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୬୦ଜଣ କୃତୀ ପ୍ରତିଯୋଗୀ ଇସ୍ରୋର ବିଭିନ୍ନ ଅନୁଷ୍ଠାନ ପରିଭ୍ରମଣର ସୁଯୋଗ ପାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ପୃଥକ ଦୁର୍ଘଟଣା: ୬ ଆହତ, ୩ ଗୁରୁତର

**କାମାକ୍ଷାନଗର, ୩୧।୧୦(ଡି.ଏନ୍.ଏ.)**

କାମାକ୍ଷାନଗର ଉପଖଣ୍ଡ ଅଞ୍ଚଳରେ ଗୁରୁବାର ପୃଥକ୍ ସ୍ଥାନରେ ଦୁର୍ଘଟଣା ଘଟି ୬ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଜିରିଡାମାଳି ନିକଟରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ କଙ୍କଡ଼ାହାଡ଼ ଥାନା ତାରିଣୀପଶି ଗ୍ରାମର ତାରିଣୀ ପ୍ରସାଦ ନାୟକ (୨୫), ତିଳେଇବେରଣୀ ଗ୍ରାମର ରାଜେନ୍ଦ୍ର ପାତ୍ର (୩୫) ଏବଂ ଦେବାଶିଷ ପାତ୍ର (୧୮) ଆହତ ହୋଇଛନ୍ତି। ରାଜେନ୍ଦ୍ରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ପାଟବେ ଗ୍ରାମର କୁଳମଣି ଦାସ (୪୦) କଙ୍କଡ଼ାହାଡରୁ ଅଟା ମିଲିଂ କରି ଫେରୁଥିବାବେଳେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଖଡେଇବେରଣୀ ଗ୍ରାମର ଗୋବିନ୍ଦ ନାୟକ (୩୩) ଧକ୍କା ଦେଇଥିଲେ। ଉଭୟଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୋବିନ୍ଦଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଏକ ଗାଡ଼ି ଧକ୍କାରେ ସିଆରିମାଳିଆ ଗ୍ରାମର ନାରାୟଣ ଭୂତିଆ (୪୦)ଙ୍କ ଡାହାଣ ଗୋଡ଼ ସମ୍ପୂର୍ଣ୍ଣ ଛିଣ୍ଡିଯାଇଛି। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପ୍ରଥମେ କାମାକ୍ଷାନଗର ଏବଂ ପରେ କଟକ ପଠାଇ ଦିଆଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ଇନ୍ଦିରାଙ୍କ ତିରୋଧାନ ଦିବସ

**ଢେଙ୍କାନାଳ ଅଫିସ, ୩୧।୧୦**

ଢେଙ୍କନାଳ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀମନ୍ଦିର ପରିସରରେ ଲୌହମାନବୀ ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୫ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଇନ୍ଦିରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରେମଶଙ୍କର ମିଶ୍ର, ଶଙ୍କର ପୃଷ୍ଟି, ବିଜୟ ସ୍ୱାଇଁ, ଜିତେନ୍ଦ୍ର ସାହୁ, ମହମ୍ମଦ ସମୀର ପ୍ରମୁଖ ଇନ୍ଦିରାଙ୍କ କର୍ମମୟ ଜୀବନ, ନୀତିଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ରୁଦ୍ରପ୍ରକାଶ ଶରଣ ଧନ୍ୟବାଦ ଦେଇଥିଲେ।


**D.D. Autonomous College, Keonjhar.**

**WALK-IN-INTERVIEW**

Walk-in-Interview will be conducted for engagement of Guest Faculty for two years regular B.Ed. Programme, at D.D.(Autonomous) College, Keonjhar for the Session 2019-20 on dt.05.11.2019 at 11:00 A.M in the College. The candidate should be of M.Sc. with M.Ed. Degree (55% Marks in both).

Interested candidates have to submit their biodata with all Original Testimonials and one recent passport size photograph, attached to the biodata form on the date of interview.

The undersigned reserves the right to stop/ cancel the interview /engagement at any time in case of arising situation without assigning any reason thereof.

Sd./-
Principal
D.D. (Auto) College,
Keonjhar

CLASSIFIED DISPLAY








# ମୃଦଙ୍ଗାରେ କାଳୀପୂଜା

**ଭୁବନ, ୩୧।୧୦(ଡି.ଏନ.ଏ.)**

ଭୁବନ ବ୍ଲକ ମୃଦଙ୍ଗା ହାଟ ଛକରେ ରବିବାରଠାରୁ ଆଡମ୍ବର ସହକାରେ ଆରମ୍ଭ ହୋଇଛି କାଳୀପୂଜା। ମହାବୀର ପୂଜା କମିଟି ପକ୍ଷରୁ ଦୀର୍ଘ ୩୦ ବର୍ଷ ହେଲା ପୂଜା ଆୟୋଜିତ ହୋଇ ଆସୁଛି। ସେହିପରି ଏକତାଳି ବଜାରରେ ହରପାର୍ବତୀ ପୂଜା ପାଉଛନ୍ତି। ଏହି ପୂଜା ଏକ ସପ୍ତାହ ଧରି ଚାଲିବ। ପୂଜା ଉପଲକ୍ଷେ ଉଠା ଦୋକାନୀମାନେ ପସରା ମେଲାଇଛନ୍ତି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ମିନାବଜାର ଖୋଲିଛି। ପୂଜାସ୍ଥଳଟି ଢେଙ୍କାନାଳ-ଯାଜପୁର ଜିଲା ସୀମାନ୍ତରେ ହୋଇଥିବାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ସେହିପରି ସନ୍ଧ୍ୟାରେ ପାଲା ପରିବେଷଣ, ଭଜନ ସମାରୋହ, ମେଲୋଡ଼ି, ନୃତ୍ୟ ଭଳି ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପୂଜା କମିଟି ସଭାପତି ଚୈତନ୍ୟ ବେହେରା, ଉପଦେଷ୍ଟା ବିଜୟ କୁମାର ଆଏଚ, ରବି ନାରାୟଣ ଓଝାଙ୍କ ସମେତ ସ୍ଥାନୀୟ ବ୍ୟବସାୟୀ ଏଥିରେ ସହଯୋଗ କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷାରେ ପୋଲିସ ନିୟୋଜିତ ହୋଇଛନ୍ତି।



ମୃଦଙ୍ଗା ହାଟ ଛକରେ ପୂଜା ପାଉଥିବା ମା’ କାଳୀଙ୍କ ମୃଣ୍ମୟୀ ପ୍ରତିମା।



ଧରିତ୍ରୀ
DHARITRI
ଢେଙ୍କାନାଳ,ଶୁକ୍ରବାର,୧ ନଭେମ୍ବର, ୨୦୧୯



## ସଂକ୍ଷେପରେ

### ପୂର୍ତ୍ତରାସ୍ତାରେ ୩ ଫୁଟ ଗର୍ତ୍ତ



**କଣିହାଁ,୩୧।୧୦(ଡି.ଏନ.ଏ.):** କଣିହାଁ-ଡେରେଙ୍ଗ ପୂର୍ତ୍ତବିଭାଗ ରାସ୍ତା ମରାମତି ଅଭାବରୁ ବିପଦସଙ୍କୁଳ ହୋଇପଡ଼ିଛି। ରାସ୍ତାର ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ବେଳେ ଏକ ପେଟ୍ରୋଲ ପମ୍ପ ନିକଟରେ ୩ ଫୁଟ ଚଉଡ଼ାର ଗର୍ତ୍ତ ହୋଇଯାଇଛି। ୩ ସପ୍ତାହ ହେବ ରାସ୍ତାରେ ଏପରି ବିରାଟ ଗର୍ତ୍ତ ହୋଇଥିଲେ ବି କର୍ତ୍ତୃପକ୍ଷ ମରାମତି କରୁ ନ ଥିବାରୁ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ପ୍ରତ୍ୟହ ୫ ହଜାରରୁ ଅଧିକ ଗାଡ଼ି ଚଳାଚଳ କରୁଥିବା ବେଳେ ବହୁ ଭାରିଯାନ ମଧ୍ୟ ଯାଉଛି। ରାତିରେ କେତେଜଣ ଉକ୍ତ ଖାଲରେ ପଡ଼ି ଆହତ ହୋଇଥିବା ରମେଶ ସାହୁ, ବାବୁଲା ପ୍ରଧାନ, ଦୁର୍ଯ୍ୟୋଧନ ମାଝି ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତାଳଚେର ପୂର୍ତ୍ତବିଭାଗ ଏସ୍‌ଡିଓ ଦାମୋଦର କୈବର୍ତ୍ତ କହିଛନ୍ତି, ଉକ୍ତ ଗର୍ତ୍ତ ମରାମତି କରିବାକୁ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଯାଏ କାହିଁକି ତାହା କାର୍ଯ୍ୟକାରୀ ହୋଇନାହିଁ ପଚାରି ବୁଝିବା ସହ ମରାମତି ନିମନ୍ତେ ଦୃଷ୍ଟି ଦିଆଯିବ।

### ଇକୋ ପାର୍କରେ ଲୌହମାନବଙ୍କ ଜୟନ୍ତୀ

**ଅନୁଗୋଳ ଅଫିସ, ୩୧।୧୦:** ଅନୁଗୋଳ ଶିକ୍ଷକପଡ଼ାସ୍ଥିତ ଇକୋ ପାର୍କରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଓ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶାନ୍ତନୁ କୁମାର ସର, ଜିଲା ସାହିତ୍ୟ ସଂସଦର ସମ୍ପାଦକ ରାଧାକାନ୍ତ ମହାନ୍ତି, ବରିଷ୍ଠ ଆଇନଜୀବୀ ପରମାନନ୍ଦ ମିଶ୍ର, ବରିଷ୍ଠ ଆଇନଜୀବୀ କୁନୁ ମିଶ୍ର, ଗିରିଜା ନାରାୟଣ ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉପସ୍ଥିତ ଥିବା ସଦସ୍ୟମାନେ ଜାତୀୟ ଏକତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ଶୈଳେଶ ଚନ୍ଦ୍ର ଦାଶଗୁପ୍ତ ସଂଯୋଜନା କରିଥିଲେ।

### ନୂଆ ଏସ୍‌ଡିପିଓଙ୍କ ଯୋଗଦାନ

ତାଳଚେର,୩୧।୧୦(ନି.ପ୍ର.)- ତାଳଚେର ଉପଖଣ୍ଡର ନୂଆ ଏସ୍‌ଡିପିଓ ଭାବେ ସିଦ୍ଧାର୍ଥ କାଟାରିଆ ଗୁରୁବାର ଯୋଗଦାନ କରିଛନ୍ତି। ଅପରାହ୍ନରେ ସେ ଏଠାରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ। ଏଠାରେ ଥିବା ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡାଙ୍କୁ ଅନୁଗୋଳ ମୁଖ୍ୟାଳୟକୁ ବଦଳି କରାଯାଇଛି।

### ୩୩୦ ପ୍ରାଣୀଧନଙ୍କ ଜୀବନ ବୀମା

**ବଆଁରପାଳ,୩୧।୧୦(ଡି.ଏନ.ଏ.):** ବଆଁରପାଳ ବ୍ଲକରେ ଚଳିତ ବର୍ଷ ୩୩୦ ପ୍ରାଣୀଧନଙ୍କ ଜୀବନ ବୀମା କରାଯାଇଛି। ଏଥିରେ ୩୦୦ ଗୋରୁ ଥିବାବେଳେ ୩୦ ଛେଳି ମେଣ୍ଢା ରହିଛନ୍ତି। ଏହି ଜୀବନ ବୀମା ପାଇଁ ଦେବାକୁ ଥିବା ୮ଶହ ଟଙ୍କା ମଧ୍ୟରୁ ଚାଷୀମାନେ ବର୍ଷକୁ ୪ ଶହ ଟଙ୍କା ପଇଠ କରିବେ। ବାକି ୪ ଶହ ଟଙ୍କା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ। କୌଣସି ପ୍ରାଣୀଧନଙ୍କ ମୃତ୍ୟୁ ହେଲେ ଚାଷୀମାନଙ୍କୁ ଏହି ବୀମା ଅର୍ଥ ପ୍ରଦାନ କରାଯିବ। ଜାତୀୟ କୃଷି ନୀତି ଅନୁଯାୟୀ ପ୍ରାଣୀଧନଙ୍କ ଏହି ବୀମା କରାଯାଇଛି ବୋଲି ପ୍ରାଣୀଧନ ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି।

### ବାଗେଡ଼ିଆ ଏଟିଏମ୍ କାଉଣ୍ଟର ଅସୁରକ୍ଷିତ

**ଛେଣ୍ଡିପଦା,୩୧।୧୦(ଡି.ଏନ.ଏ.):** ଛେଣ୍ଡିପଦା ବ୍ଲକ ବାଗେଡିଆ ବଜାର ନିକଟରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଏଟିଏମ କାଉଣ୍ଟର ବର୍ତ୍ତମାନ ଅସୁରକ୍ଷିତ ହୋଇପଡ଼ିଛି। ଏହି କାଉଣ୍ଟର କବାଟ ଏବଂ ସଟର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ କ୍ଲୋଜ ସର୍କିଟ କ୍ୟାମେରା ଅଚଳ ହୋଇପଡିଛି। ଏପରିକି ରାତ୍ରି ଜଗୁଆଳି ନିଯୁକ୍ତ ହୋଇ ନ ଥିବା ଯୋଗୁ ଏଠାରୁ ଚୋରି ହେବା ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ଦିଗରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

■କିଶୋରନଗର ପଞ୍ଚାୟତ ସମିତି ବୈଠକ

## ପ୍ରଶାସନିକ ଅଧିକାରୀ ଅଧିକ ଯତ୍ନବାନ ହୁଅନ୍ତୁ

**ବଇଣ୍ଡା,୩୧।୧୦(ଡି.ଏନ.ଏ.)**



ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ବିଧାୟକ।

କିଶୋରନଗର ପଞ୍ଚାୟତ ସମିତିର ୯ମ ବୈଠକ ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ବବିତା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ସରକାରୀ ଯୋଜନା କିପରି ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ପ୍ରଶାସନିକ ଅଧିକାରୀମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଚନ୍ଦ୍ର ଦେଓ, ବିଡିଓ ଅମୃତା ପ୍ରିୟମ୍ବଦା, ଜିପିଓ ସୁଜାତା ତ୍ରିପାଠୀ, ବ୍ଲକ ଉପାଧକ୍ଷ ସୁନୀଲ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ଅର୍ଜୁନ କୁମାର ପାଣ୍ଡେ, ବଂଶୀଧର ସେଠୀ, ସୁନୀଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଜଳଯୋଗାଣ, ରାସ୍ତାଘାଟର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଇନ୍ଦିରା ଆବାସ ଗୃହ ବଣ୍ଟନରେ ବ୍ୟାପକ ଦୁର୍ନୀତି ଅଭିଯୋଗ ନେଇ ହଟ୍ଟଗୋଳ ହୋଇଥିଲା। ଜାମୁନାଳୀ ପଞ୍ଚାୟତରେ କୋଠାଥିଲାବାଲାଙ୍କୁ ଆବାସ ଯୋଗାଇ ଦିଆଯାଇଥିବା ସମିତିସଭ୍ୟ ଲକ୍ଷ୍ମୀଧର ପ୍ରଧାନ ଅଭିଯୋଗ କରିଥିଲେ। ସେହିପରି ନୁନୁକାପଶି ପଞ୍ଚାୟତର ସରକାରୀ ଜମିରେ ରହୁଥିବା ବହୁ ଗରିବ ଲୋକେ ଆବାସ ପାଇଥିଲେ ବି ଭୂମିହୀନ ହୋଇଥିବାରୁ ଘର ନିର୍ମାଣ କରିପାରୁ ନାହାନ୍ତି। ତୁରନ୍ତ ଜିଲାପାଳ ଉକ୍ତ ଜାଗାରେ ଗୃହ ନିର୍ମାଣ ନିମନ୍ତେ ନିର୍ଦ୍ଦେଶ ଦେବାକୁ ସରପଞ୍ଚ ଜଳଧର ସାହୁ ଦାବି କରିଥିଲେ। ସେହିପରି ନୁନୁକାପଶି ପଞ୍ଚାୟତର ରାସ୍ତାପାର୍ଶ୍ୱରେ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ଭାଙ୍ଗିଦିଆଯାଇଥିବା ପଶୁ ଚିକିତ୍ସାଳୟ, ରାଜସ୍ୱ କାର୍ଯ୍ୟାଳୟ ଓ ବିଭିନ୍ନ ସ୍କୁଲର ଶୀଘ୍ର ନିର୍ମାଣ କାର୍ଯ୍ୟ ପାଇଁ ବୈଠକରେ ଦାବି କରାଯାଇଥିଲା। ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସେବା ଯୋଗାଣ ନିମନ୍ତେ କେତେଜଣ ସରପଞ୍ଚ ଦାବି କରିଥିଲେ।

## ଅନାବଶ୍ୟକ ଖର୍ଚ୍ଚ କମାଇବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୩୧।୧୦**

ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନାବଶ୍ୟକ ଖର୍ଚ୍ଚ କମାଇ ଭବିଷ୍ୟତ ପାଇଁ ସଞ୍ଚୟ କରିବାକୁ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଖେଳ ଶିକ୍ଷକ ବିନୋଦ ଚନ୍ଦ୍ର ଦେହୁରୀ, ଏନ୍‌ସିସି ଅଧିକାରୀ ସରୋଜ କୁମାର ମିଶ୍ର ଓ ଶିକ୍ଷକ ଅଞ୍ଜନ ମହାକୁଡ଼ ବିଭିନ୍ନ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡ଼ା ଏକ ସଞ୍ଚୟ ରଥ ଓ ଛାତ୍ରମାନଙ୍କୁ ନେଇ ଶୋଭାଯାତ୍ରା ଅନୁଗୋଳ ସହର ପରିକ୍ରମା କରିଥିଲା। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୁରଥ କୁମାର ବାରିକ ପରିଚାଳନା କରିଥିଲେ।

## ଉପସ୍ଥାନ ଯାଞ୍ଚ କଲେ ଉପଜିଲାପାଳ


ଉପଜିଲାପାଳ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

**ବନ୍ତଲା,୩୧।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲାସ୍ଥିତ ଶ୍ରୀ ଚନ୍ଦ୍ରଶେଖର ଜୁନିୟର ମହାବିଦ୍ୟାଳୟ, ଯୁକ୍ତ ତିନି ଉଚ୍ଚତର ଶିକ୍ଷା ମହାବିଦ୍ୟାଳୟ ଓ ପାତେଳି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୁରୁବାର ଉପଜିଲାପାଳ ବାସୁଦେବ ଶତପଥୀ ଅଚାନକ ଗସ୍ତ କରିଥିଲେ। ପ୍ରଥମେ ପାତେଳି ପ୍ରାଥମିକ ବିଦ୍ୟାଳୟରେ ଉପଜିଲାପାଳ ପହଞ୍ଚି ମଧ୍ୟାହ୍ନ ଭୋଜନ, ଉପସ୍ଥାନ, ପରିମଳ ଓ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରେ ବନ୍ତଲା ଯୁକ୍ତ ତିନି ଓ ଯୁକ୍ତ ଦୁଇ ମହାବିଦ୍ୟାଳୟକୁ ଯାଇ ଅଧ୍ୟାପିକା, ଅଧ୍ୟାପକଙ୍କ ବାଓମେଟ୍ରିକ ଉପସ୍ଥାନ ଯାଞ୍ଚ କରିଥିଲେ। ଏଥିସହିତ ମହାବିଦ୍ୟାଳୟର ବିଭିନ୍ନ କାଗଜପତ୍ର ତନଖି କରିଥିଲେ। ପିଲାମାନଙ୍କୁ ପାଠ ପଢା ବିଷୟରେ ପଚାରି ବୁଝିବା ସହିତ ମହାବିଦ୍ୟାଳୟରେ ଲାଗିଥିବା ସିସିଟିଭି କ୍ୟାମେରାରେ ପିଲାମାନଙ୍କ ପାଠ ପଢା ଯାଞ୍ଚ କରିଥିଲେ।

## ସହରାଏ ପର୍ବ ପାଇଁ ରେଲୱେ କଲୋନୀ ଉତ୍ସବମୁଖର


ମହିଳାମାନେ ଗୋମାତା ପୂଜା କରୁଛନ୍ତି।

**ଅନୁଗୋଳ ଅଫିସ, ୩୧।୧୦**

ଅନୁଗୋଳ ରେଲୱେ କଲୋନୀ ଠାରେ ଆଦିବାସୀ ସାନ୍ତାଳମାନଙ୍କ ମହାନ ପର୍ବ (ସହରାଏ) ଧୁମଧାମରେ ପାଳିତ ହୋଇଯାଇଛି। ପ୍ରଥମେ ମାଝି ବାବାଙ୍କ ବାସଭବନରୁ ଜାହରେ ଆୟଙ୍କୁ ପୂଜାସ୍ଥଳକୁ ଆମନ୍ତ୍ରଣ କରାଯାଇଥିଲା। ପରେ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଭଲିବଲ ପଡ଼ିଆରେ ଗୋମାତା ପୂଜା ଅନୁଷ୍ଠିତ ହୋଇଥିଲା। ସମସ୍ତ ମହିଳା ଓ ପୁରୁଷ ପାରମ୍ପରିକ ବସ୍ତ୍ର ପିନ୍ଧି ପୂଜା କରିଥିଲେ। ଏହି ପର୍ବ ୫ ଦିନ ଧରି ପାଳିତ ହୋଇଥାଏ। ପ୍ରଥମ ଦିନ ଗୋଠ ପୂଜା, ଦ୍ୱିତୀୟ ଦିନ ଦାକା, ତୃତୀୟ ଓ ଚତୁର୍ଥ ଦିନ ଡାଙ୍ଗରୀ ଆଳା ଓ ପଞ୍ଚମ ଦିନ ଜାଜଲେ କରାଯାଏ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଯଦୁନାଥ ହାଁସଦା ମୁଖ୍ୟ ଅତିଥି, ସହକାରୀ ଜିଲାପାଳ ଲମ୍ବୋଦର ମାରାଣ୍ଡି, ତାନା ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରମେଶ ଚନ୍ଦ୍ର ଟୁଡୁ, ମାଝି ବାବା, ପିତ ମାରାଣ୍ଡି, ରବିନ୍ଦ୍ର ଟୁଡୁ, କୁଡ଼ାମ ନାଏକ, ରାମ ମାରଣ୍ଡି, ବିଶ୍ୱନାଥ କିସ୍କୁ ଏହାର ଆୟୋଜନ କରିଥିଲେ। କାମାକ୍ଷାନଗର କାଦବସନ୍ତ ଓ ତାଳଚେର ଛାଟଏ ହଟିଂର ବହୁ କଳାକାର ଏହି ପରିବେଶରେ ସାମିଲ ହୋଇ ସହରାଏ ନାଚ ଓ ଗୀତ ପରିବେଷଣ କରି ଦର୍ଶକମାନଙ୍କ ମନ ମୁଗ୍ଧ କରିଥିଲେ।

## ରେଙ୍ଗାଲି ପାୱାର ହାଉସ୍‌ରୁ କେବୁଲ ଚୋରି

**କଣିହାଁ,୩୧।୧୦(ଡି.ଏନ.ଏ.)**

କଣିହାଁ ବ୍ଲକସ୍ଥିତ ରେଙ୍ଗାଲି ଡ୍ୟାମ୍ ପାୱାର ହାଉସ୍‌ରୁ ଲକ୍ଷାଧିକ ଟଙ୍କାର କେବୁଲ ମଙ୍ଗଳବାର ରାତିରେ ଚୋରି ହୋଇଥିବା ନେଇ ଗୁରୁବାର ରେଙ୍ଗାଲି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଡ୍ୟାମ୍ ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ସୁରକ୍ଷା ଦାୟିତ୍ୱରେ ବିଭାଗୀୟ କର୍ମଚାରୀ, ପୋଲିସ ଓ ଘରୋଇ ସଂସ୍ଥାର ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ଥିଲେ ବି ଏଠାରୁ କିପରି କେବୁଲ ଚୋରି ହେଲା ସେ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଡ୍ୟାମ୍ କର୍ତ୍ତୃପକ୍ଷ ଏବଂ ଓଏଚ୍‌ପିସି କର୍ତ୍ତୃପକ୍ଷ ବୁଝାମଣା କରି ଏହି ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ଥାନା ଆଇଆଇସି ସରୋଜ କାନ୍ତ ସାମଲ କହିଛନ୍ତି, ପୁରୁଣା କେବୁଲ ଚୋରିକୁ ନେଇ ଏସ୍‌ଡିଓ ଲକ୍ଷ୍ମୀଧର ନାଏକ ଅଭିଯୋଗ କରିଛନ୍ତି। ସତ୍ୟତାକୁ ନେଇ ତଦନ୍ତ ଚାଲିଛି।

## ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

**ଛେଣ୍ଡିପଦା,୩୧।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ଟାକୁଆ ଗାଁର ରତ୍ନାକର ପ୍ରଧାନଙ୍କ ଘରେ ଗୁରୁବାର ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଖବରପାଇ ଛେଣ୍ଡିପଦା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ଅଗ୍ନିକାଣ୍ଡ ବେଳେ ଘରେ କେହି ନ ଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଦୁର୍ନୀତି ନିବାରଣ ସପ୍ତାହରେ ଶପଥ ଗ୍ରହଣ




**କଣିହାଁ, ୩୧।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ବନୋଜ କୁମାର ପ୍ରଧାନ ଅଧକ୍ଷତା କରି କାର୍ଯ୍ୟକ୍ଷେତ୍ରରେ ସାଧୁତା ଅବଲମ୍ବନ କରି ସଚ୍ଚୋଟତା ଆପଣାଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କଲେଜ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ରମାନେ ଦୁର୍ନୀତିକୁ ପ୍ରଶୟ ନ ଦେବା ପାଇଁ ଶପଥ ପାଠ କରିଥିଲେ। ଅଧ୍ୟାପକ ପ୍ରତିଭାରାଣୀ ପ୍ରଧାନ, ସୁମିତ୍ରା ଦଳେଇ, କାଳନ୍ଦୀ ଚରଣ ସାହୁ, ମିଳନ ବିଶ୍ୱାଳ, ପ୍ରୀତିରାଣୀ ବେହେରା, ମନ୍ଦାକିନୀ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ କର୍ମକର୍ତ୍ତା ନିର୍ବାଚିତ

**ତାଳଚେର,୩୧।୧୦(ନି.ପ୍ର.)**


ନିର୍ବାଚିତ ହୋଇଥିବା ନୂଆ କର୍ମକର୍ତ୍ତାମାନେ।

ତାଳଚେର ବ୍ଲକ ସାଉଥ୍‌ବଲଣ୍ଡାସ୍ଥିତ ଏମ୍‌ସିଏଲ୍ ଟ୍ରାଞ୍ଜିଟ୍ କ୍ୟାମ୍ପ ପରିସରରେ ତାଳଚେର କୋଲ୍ ଫିଲଡ୍‌ସ କେବୁଲ ଟିଭି ଅପରେଟର ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଗଗନ ବିହାରୀ ସାହୁ, ଉପସଭାପତି ପ୍ରମୋଦ କୁମାର ମହାନ୍ତି, ସମ୍ପାଦକ ବିସ୍ମୟ କୁମାର ଦାଶ, ସହ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, କୋଷାଧକ୍ଷ ଅରୁଣ କୁମାର ସାହୁଙ୍କୁ ନିର୍ବାଚିତ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଦୀପ୍ତ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, ସୁଜିତ୍ ବେହେରା, ସନ୍ତୋଷ ସାହୁ, ଯଶୋବନ୍ତ ସାହୁଙ୍କୁ ମନୋନୀତ କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ଲିପିକା ମହାନ୍ତି, ଆଇନଜୀବୀ ମନୋରଞ୍ଜନ ମହାନ୍ତି ନିର୍ବାଚନ ପରିଚାଳନା କରିଥିଲେ। ଆସୋସିଏଶନର ୫୭ ଜଣ ସଦସ୍ୟ ନିଜ ମତାମତ ପ୍ରଦାନ କରିଥିଲେ।

## ଡିଏଭି ଆଞ୍ଚଳିକ କ୍ରୀଡ଼ା ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ତାଳଚେର, ୩୧।୧୦(ନି.ପ୍ର.)**

ତାଳଚେରସ୍ଥିତ ଜଗନ୍ନାଥ ଡିଏଭି ସ୍କୁଲ ପରିସରରେ ଡିଏଭି ଆଞ୍ଚଳିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ରିକେଟ, ହ୍ୟାଣ୍ଡବଲ ଓ ଆଚେରୀ ପ୍ରତିଯୋଗିତା ନିମନ୍ତେ ଡିଏଭି ଓଡ଼ିଶା ଜୋନ ୧ ଓ ୨ର ୧୫ଟି ସ୍କୁଲର କ୍ରୀଡ଼ାବିତମାନେ ଅଂଶଗ୍ରହଣ କରିଥିଲେ। କ୍ରିକେଟରେ ୧୦ ଗୋଟି ଟିମ୍ ମଧ୍ୟରୁ ଡିଏଭି (ସିଡିଏ) ଚାମ୍ପିୟନ ଓ ତାଳଚେର ଜଗନ୍ନାଥ ରନର୍ସଅପ ହୋଇଥିଲା। ହ୍ୟାଣ୍ଡବଲରେ ଜଗନ୍ନାଥ ଡିଏଭି ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଟେନସା ଡିଏଭି ରୌପ୍ୟ ପଦକ ହାସଲ କରିଥିଲା। ସେହିଭଳି ଆଚେରୀ ପ୍ରତିଯୋଗିତାରେ ଟେନସା ଡିଏଭି ସ୍ୱର୍ଣ୍ଣ ପଦକ, ଜଗନ୍ନାଥ ଡିଏଭି ରୌପ୍ୟ ପଦକ ପାଇଥିଲା। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଜଗନ୍ନାଥ କ୍ଷେତ୍ରର ଏପିଏମ୍ ସି.ଆର. ଦାସ, କଳିଙ୍ଗ ଡିଏଭି ଅଧକ୍ଷ ଏସ.କେ. ଭୋଇ ଅତିଥିଭାବେ ଯୋଗଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଚିତ୍ତରଞ୍ଜନ ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ସୁମିତ୍ରା ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ବୀରନ୍ଦ୍ର ଦାସ, ଏଲିମ୍ପା ଜେନା, ଅବଦୁଲ ଅଜିମ ଖାନ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

■ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ

## ପ୍ରତିଭାର ବିକାଶ ପାଇଁ ସୁରଭି ଏକ ମାଧ୍ୟମ

**ବଆଁରପାଳ, ୩୧।୧୦ (ଡି.ଏନ୍.ଏ.)**


ଶିଶୁ ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

ବଆଁରପାଳ ବ୍ଲକ ଅଲେଖପାଟଣା ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାଲିଥିବା ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ବ୍ଲକର ୧୬ଟି କ୍ଲଷ୍ଟରରୁ ପ୍ରାୟ ୩୫୦ରୁ ଅଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ଲଷ୍ଟରରୁ ଡିବେଟ୍, କୁଇଜ, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ, ସଙ୍ଗୀତ, ପ୍ରବନ୍ଧ, ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତାରେ ପ୍ରଥମ ହୋଇଥିବା କୃତୀ ଛାତ୍ରୀଛାତ୍ରମାନେ ମୁଖ୍ୟତଃ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

ଏଥିସହ ମଧ୍ୟାହ୍ନ ଭୋଜନ ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଳିତ ମୋହନ ସାହୁ, ବ୍ଲକ ଉପାଧକ୍ଷ ପ୍ରଶାନ୍ତ କୁମାର ବେହେରା, ସହଗୋଷ୍ଠୀ ଅଧିକାରୀ ସୁଷମା ପଟ୍ଟନାୟକ, ଜିତେନ୍ଦ୍ର କୁମାର ମିଶ୍ର, ଶିକ୍ଷକ ନେତା ଶରତଚନ୍ଦ୍ର ସାହୁ, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଯୋଗଦାନ କରି ପିଲାଙ୍କ ପ୍ରତିଭାର ବିକାଶ ପାଇଁ ସୁରଭି ଏକ ମୁଖ୍ୟ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ କୁମାର ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ବିଭାଗ ଡିବେଟ୍‌ରେ ଶୋଭାଲିନ ବେହେରା, କୁଇଜରେ ଲୋପାମୁଦ୍ରା ପ୍ରଧାନ, ତର୍କରେ ଶୁଭ୍ରାଂଶୁ ସ୍ୱାଇଁ, ଗୀତରେ ଶ୍ରୁତି ବେହେରା, ଚିତ୍ରାଙ୍କନରେ ଲବ ଟୁଡୁ, ପ୍ରବନ୍ଧରେ ଲୋପିତା ସାହୁ, ସୃଜନାତ୍ମକ ଲିଖନରେ ଲିସିମା ବିଶ୍ୱାଳ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି କନିଷ୍ଠ ବର୍ଗରେ କୁଇଜ ପ୍ରତିଯୋଗିତାରେ ଅତିଶ ପ୍ରଧାନ, ହସ୍ତାକ୍ଷର ଓ ଶ୍ରୁତ ଲିଖନରେ ଗାୟତ୍ରୀ ନାଏକ, ତର୍କରେ ସ୍ୱର୍ଣ୍ଣମୟୀ ବିଶ୍ୱାଳ, ଗୀତରେ ଅନନ୍ୟା ନାଏକ, ଚିତ୍ରାଙ୍କନରେ ନଗେଶ ପ୍ରଧାନ ଓ ସୃଜନାତ୍ମକ ଲିଖନରେ ସୁପ୍ରିୟା ବେହେରା ପ୍ରମୁଖ ପ୍ରଥମ ହୋଇ ଆଗାମୀ ୮ ତାରିଖ ଜିଲାସ୍ତରୀୟ ଶିଶୁ ମହୋତ୍ସବକୁ ମନୋନୀତ ହୋଇଥିଲେ। ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜାମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପ୍ରଥମ ହୋଇ ପୁରସ୍କୃତ ହେବା ସହିତ ଜିଲାସ୍ତରକୁ ମନୋନୀତ ହୋଇଛି। ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସହଯୋଗ କରିଥିବାବେଳେ ଅଲେଖପାଟଣା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ନାଏକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ମହେଶ୍ୱର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସ୍କୁଟି ଡିକିରୁ ୮୦ ହଜାର ଲୁଟ୍

**ବନ୍ତ, ୩୧।୧୦ (ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ମୁଣ୍ଡଳି ଗ୍ରାମର ଆନନ୍ଦ ଚନ୍ଦ୍ର ରାଉତ ନାମକ ଜଣେ ବ୍ୟକ୍ତିଙ୍କ ସ୍କୁଟି ଡିକିରୁ ୮୦ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଆଗରପଡ଼ା ଥାନା ପୋଲିସ ଏକ ମାମଲା(ନଂ.୧୩୦/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଆନନ୍ଦ ବୁଧବାର ଅପରାହ୍ନରେ ଆଗରପଡ଼ା ଷ୍ଟେଟବ୍ୟାଙ୍କ ଶାଖାରୁ ୮୦ ହଜାର ଟଙ୍କା ଉଠାଇ ଗଣିବା ସମୟରେ ଜଣେ ପିଲା ତାଙ୍କୁ ଲକ୍ଷ୍ୟ କରିଥିଲେ। ପରେ ସେ ସ୍କୁଟିରେ ଟଙ୍କା ବ୍ୟାଗ୍ ରଖି ସ୍ଥାନୀୟ ହୋଣ୍ଡା ସୋ'ରୁମ୍‌କୁ ଯାଇଥିଲେ। ଫେରିବା ପରେ ପାସ୍‌ବୁକ ସହିତ ଟଙ୍କା ବ୍ୟାଗ୍ ସ୍କୁଟି ଡିକିରେ ନ ଥିବା ଦେଖିଥିଲେ। ଉକ୍ତ ସୋ'ରୁମ୍ ସିସିଟିଭି କ୍ୟାମରାରେ ଚେକ୍ କରିବାରୁ ବ୍ୟାଙ୍କରେ ଟଙ୍କା ଗଣୁଥିବା ବେଳେ ଲକ୍ଷ୍ୟ ରଖିଥିବା ପିଲା ସ୍କୁଟି ପାଖରେ ଦେଖିବାକୁ ପାଇଥିଲେ। ଉକ୍ତ ପିଲାକୁ ସେ ସନ୍ଦେହ କରୁଥିବା ଦର୍ଶାଇଛନ୍ତି।

### ମହିଳା କର୍ମଚାରୀଙ୍କ ସହ ବନ ଅଧିକାରୀଙ୍କ ରୋମାନ୍ସ ଭିଡିଓ ଭାଇରାଲ୍ ପରେ ଚର୍ଚ୍ଚା

**ସଜନାଗଡ଼, ୩୧।୧୦(ଡି.ଏନ.ଏ.):** ବନବିଭାଗରେ କାର୍ଯ୍ୟରତ ଜଣେ ବରିଷ୍ଠ ଅଧିକାରୀଙ୍କ ସହ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚାରୀ କାର୍ଯ୍ୟାଳୟରେ ରୋମାନ୍ସ କରୁଥିବା ଭିଡିଓ ଗୁରୁବାର ଭାଇରାଲ୍ ହେବା ପରେ ବାଲେଶ୍ୱର ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ମହିଳା କର୍ମଚାରୀ ଜଣକ କୌଣସି ଅଭିଯୋଗ କରିନାହାନ୍ତି। ହେଲେ ଜଣେ ଅଧିକାରୀ ଅଫିସ୍‌ରେ କରୁଥିବା ଏଭଳି କାର୍ଯ୍ୟକଳାପକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ଅଧିକାରୀ ଜଣକ ଉକ୍ତ ଭିଡିଓ ତାଙ୍କର ନୁହେଁ, କୌଣସି ବ୍ୟକ୍ତି ଶତ୍ରୁତା କାରଣରୁ ତାଙ୍କ ଫଟୋକୁ ଏଡିଟିଙ୍ଗ୍ କରି ଭିଡିଓ ଭାଇରାଲ୍ କରିଥାଇପାରନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ସେଭଳି କୌଣସି ଭିଡିଓ ତାଙ୍କ ପାଖରେ ପହଞ୍ଚିନାହିଁ କିମ୍ବା କୌଣସି ଅଭିଯୋଗ ମିଳିନାହିଁ। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୩୬ ମଦ୍ୟପ ଡ୍ରାଇଭର ଗିରଫ

**ବାରିପଦା ଅଫିସ,୩୧।୧୦:** ମୟୂରଭଞ୍ଜ ଜିଲା ପୋଲିସ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରାଯାଇଥିଲା। ସମଗ୍ର ଜିଲାରେ ମୋଟ୍ ୮୯୦ଟି ଗାଡ଼ିର ଡ୍ରାଇଭରମାନଙ୍କୁ ଯାଞ୍ଚ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୬ ଜଣ ମଦ୍ୟପ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ସୂଚନା ଦେଇଛନ୍ତି।

### ପୂର୍ବତନ ଖଣି ଅଧିକାରୀଙ୍କୁ ଜେଲ୍‌ଦଣ୍ଡ

କଟକ ଅଫିସ/କେନ୍ଦୁଝର, ୩୧।୧୦(ସ୍ୱ.ପ୍ର./ଡି.ଏନ୍.ଏ.) ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଜଣେ ଅବସରପ୍ରାପ୍ତ ଖଣି ଅଧିକାରୀଙ୍କୁ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। ସେ ହେଲେ କେନ୍ଦୁଝର ଜିଲା ବଡ଼ବିଲ୍‌ଠାରେ ଥିବା ଓଡ଼ିଶା ଖଣି ନିଗମ ସେଣ୍ଟ୍ରାଲ ୱାର୍କଶପ୍‌ର ପୂର୍ବତନ ଡେପୁଟି ମ୍ୟାନେଜର (ମେକାନିକାଲ) ବରିନ୍ଦର ସିଂ। ତାଙ୍କ ବିରୋଧରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୫୮/୨୦୦୦) ରୁଜୁ ହୋଇଥିଲା। ସିଂ ୧୨ ଲକ୍ଷ ୫୪ ହଜାର ୩୭୦ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ଆଗତ ଉକ୍ତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ସିଂଙ୍କୁ ୪ ବର୍ଷ ଜେଲ୍ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ସିଂ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ନେଇ ୨୦୦୦ ସେପ୍ଟେମ୍ବର ୨୨ରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର ଓ ଅଫିସକୁ ଯାଞ୍ଚ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଡି.ଡି. ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

# ଲୁଟେରାଙ୍କ ଟାର୍ଗେଟ୍ ପୂଜା ବଜାର

- ପୋଲିସକୁ ଚକ୍‌ମା ଦେଇ ଲୋକଙ୍କୁ ଲୁଟୁଛନ୍ତି
- ଗୋଟିଏ ଦିନରେ ଦୁଇଟି ସ୍ଥାନରୁ ୬.୪୦ ଲକ୍ଷ ଲୁଟ୍
- ୨ ମାସରେ ଚୋରି ହେଲାଣି ୨୦ରୁ ଊର୍ଦ୍ଧ୍ୱ ବାଇକ୍

**ଭଦ୍ରକ ଅଫିସ, ୩୧।୧୦**

ଭଦ୍ରକ ସହରରେ ପ୍ରସିଦ୍ଧ କାଳୀପୂଜା ଲାଗି ଏବେ ବଜାରଠାରୁ ଆରମ୍ଭ କରି ପୂଜାମଣ୍ଡପ ଯାଏ ଗହଳି ଲାଗିରହିଛି। କିଏ ଶପିଂ ପାଇଁ ମାର୍କେଟ ଆସୁଛନ୍ତି ତ ଆଉ କିଏ ପରିବାର ସଦସ୍ୟଙ୍କୁ ନେଇ ମେଢ ବୁଲାଇବାକୁ ଆସୁଛନ୍ତି। ପ୍ରତିବର୍ଷ ସହରରେ ଗଣେଶ ପୂଜାଠାରୁ ମା' କାଳୀଙ୍କ ଯାତ୍ରା ପର୍ଯ୍ୟନ୍ତ ପୂଜା ବଜାର ଭିଡ ଲାଗି ରହେ। ଏଭଳି ଭିଡର ସୁଯୋଗ ନେଇଥାନ୍ତି ଲୁଟେରାଦଳ। ଅନ୍ୟବର୍ଷ ଭଳି ଚଳିତ ବର୍ଷ ଲୁଟେରା ଦଳ ସକ୍ରିୟ ରହିଛନ୍ତି। ପୋଲିସ ବିଭାଗ ସଜାଗ ଥିବା କହୁଥିଲେ ମଧ୍ୟ ସେମାନେ ଅଭିନବ କୌଶଳ ଆପଣାଇ ଚକ୍‌ମା ଦେଇ ଲୁଟ୍ କରୁଛନ୍ତି। ଗଣେଶ ପୂଜା ବଜାରଠାରୁ ଲୁଟେରାଙ୍କ ଉପସ୍ଥିତି ସହରରେ ସ୍ପଷ୍ଟ ବାରି ହୋଇ ପଡୁଥିବାରୁ ବଜାରକୁ ଆସୁଥିବା ଲୋକେ ଭୟଭୀତ ହୋଇପଡୁଛନ୍ତି।

ଉଲ୍ଲେଖନୀୟ ଯେ, ଗତ ମାସରୁ ଏଯାଏ ସହର ମଧ୍ୟରୁ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବାଇକ୍ ଲୁଟ୍ ହୋଇଛି। ଏପରି କି ଟାଉନ ଥାନା ପାଚେରିକୁ ଲାଗିଥିବା ସାହିରୁ ଏକାଧିକ ବାଇକ୍ ଲୁଟି ନିଆଯାଇଛି। ଗତ ସୋମବାର ଗୋଟିଏ ଦିନରେ ୨ ଘଣ୍ଟା ବ୍ୟବଧାନରେ ଦୁଇଟି ସ୍ଥାନରୁ ୬ ଲକ୍ଷ ୪୦ ହଜାର ଟଙ୍କା ଲୁଟ୍ ହୋଇଛି। କେତେବେଳେ ବ୍ୟାଙ୍କ ସମ୍ମୁଖରୁ ତ ଆଉ କେତେବେଳେ ସଫା କରିବା ଆଳରେ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନିଆଯାଉଛି। ଏପରି କି ପୋଲିସ ପରିଚୟ ଦେଇ ମହିଳାଙ୍କଠାରୁ ସୁନା ଅଳଙ୍କାର ମାଗି ସେମାନେ ଚତୁରତାର ସହ ଫେରାର ହୋଇଯାଉଥିବା ଘଟଣା ପଦାକୁ ଆସିଛି। ସେହିପରି ଆଖି ପିଛୁଳାକେ ବାଇକ ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟି ନେଉଥିବାର ନଜିର ରହିଛି। ଏଟିଏମ୍ ଲୁଟ୍ ଉଦ୍ୟମ ଭଳି ଘଟଣା ମଧ୍ୟ ସହରରେ ଘଟିସାରିଲାଣି। ଗତବର୍ଷ ଅନୁରୂପ ପୂଜା ବଜାର ସମୟରେ ଏଭଳି ଲୁଟ୍ ଘଟିଥିବା ପୋଲିସ ପାଖରେ ରେକର୍ଡ ରହିଛି। ହେଲେ ଏହାକୁ ରୋକିବାକୁ ପୋଲିସ ସେପରି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସହରର ବରିଷ୍ଠ ନାଗରିକମାନେ ସମାଲୋଚନା କରୁଛନ୍ତି। ଏ ନେଇ ଆଇନଜୀବୀ ଦିବ୍ୟସିଂହ ନାୟକ କହିଛନ୍ତି, ଲୁଟେରାମାନେ ପୋଲିସର କାର୍ଯ୍ୟଦକ୍ଷତାକୁ ଚ୍ୟାଲେଞ୍ଜ ଦେଇ ଲୁଟେରାମାନେ ସେମାନଙ୍କ କାର୍ଯ୍ୟ ଜାରି ରଖିଥିବା ପ୍ରତୀତ ହେଉଛି। ପୋଲିସ ନିକଟରେ କେତେକ ଲୁଟ୍ ଘଟଣାର ସିସିଟିଭି ଫୁଟେଜ୍ ଥିଲେ ମଧ୍ୟ ଲୁଟେରାଙ୍କୁ କାବୁ କରା ନ ଯିବା ଉଦ୍‌ବେଗର ବିଷୟ। ଏ ସମ୍ପର୍କରେ ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କୁ ପଚାରିବାରୁ କହିଛନ୍ତି, ପୂଜା ବଜାରକୁ ଆଖି ଆଗରେ ରଖି ପାଟ୍ରୋଲିଂ ବ୍ୟବସ୍ଥାକୁ ସବୁଠି କଡ଼ାକଡ଼ି କରାଯାଉଛି।

## ଅନୁଗୋଳ ଜିଲା ଇତିହାସ ଉପରେ ଆଲୋଚନା



**ଅନୁଗୋଳ ଅଫିସ, ୩୧।୧୦**

ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ଏକାଡେମୀ, ଜିଲା ସଂସ୍କୃତିପରିଷଦ ଓ ଜିଲା ସାହିତ୍ୟ ଅନୁଷ୍ଠାନ ସହଯୋଗରେ 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ରପ୍ରସାଦ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଗୋଳ ଜିଲା ଇତିହାସ ଚର୍ଚ୍ଚାଚକ୍ର ଉପରେ ଡ. ରମା ଗଡ଼ନାୟକ, ଡ. ନିମାଇଁ ଚରଣ ପ୍ରଧାନ, ଡ. ସାବିତ୍ରୀ ଦାଶ, ସଂଗ୍ରାମ କେଶରୀ ପୃଷ୍ଟି ଆଲୋଚନା କରିଥିଲେ। ୫୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାଶ, ଶାନ୍ତନୁ କୁମାର ସର ରାଧାକୃଷ୍ଣ ମହାନ୍ତି, ଡ. ଗୌରାଙ୍ଗ ଚରଣ ଦାଶ, ଅଧ୍ୟାପିକା ପ୍ରତିଭା ସାହୁ, ଦୀପ୍ତିମୟୀ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଏକତା ପାଇଁ ଦୌଡ଼




ଛେଣ୍ଡିପଦାଠାରେ ଜିଲା ଶିକ୍ଷା ଓ ପ୍ରତିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଏକତା ଦିବସ ପାଳନ।

**ଛେଣ୍ଡିପଦା/ ବଇଣ୍ଡା,୩୧।୧୦ (ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ସଦରମହକୁମା ଠାରେ ଥିବା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକତା ପାଇଁ ଦୌଡ (ରନ୍ ଫର୍ ୟୁନିଟ୍)ର ଆୟୋଜନ କରାଯାଇଥିଲା। ଏହାପରେ ପ୍ରତିଷ୍ଠାନ ପରିସରରେ ଏକ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମହାମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷକ ବିକ୍ରମ କୁମାର ସାହୁ, ଲକ୍ଷ୍ମଣ କୁମାର ସାହୁ, ମାନସ ରାଉତ, ରାମକୃଷ୍ଣ ପରିଚ୍ଛା, ସୁଜିତ କୁମାର ଲୁହା, ମମିତା ସାହୁଙ୍କ ସମେତ ସମସ୍ତ ଗୁରୁ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ବ୍ଲକ ଅଙ୍ଗପଡ଼ା ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବଳରାମ ପ୍ରଧାନଙ୍କ ସଭାପତିତ୍ୱରେ ଅତିଥି ଭାବେ ଅଧ୍ୟାପକ ଜ୍ଞାନେନ୍ଦ୍ର ବିଶ୍ୱାଳ, ବିଜୟ କୁମାର ଗଡ଼ନାୟକ, ବିଭୁଦେନ୍ଦ୍ର ସାହୁ, ଅଧ୍ୟାପିକା କ୍ରିଷ୍ଣାରାଣୀ ସାହୁ, ପ୍ରଶାନ୍ତ କୁମାର ପ୍ରଧାନ, ନଟବର ସାହୁ ପ୍ରମୁଖ ଯୋଗଦେଇ ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ଖଲାରି ପଞ୍ଚାୟତରେ ଗଣ୍ଡଗୋଳ

**ଅନୁଗୋଳ ଅଫିସ, ୩୧।୧୦**

ଅନୁଗୋଳ ବ୍ଲକ ଖଲାରୀ ପଞ୍ଚାୟତ ସରପଞ୍ଚ ପଦବୀ କନ୍ଦର୍ପ ମହାରଣା ବଜାୟ ରଖିବେ ବୋଲି ବୁଧବାର ଉପଜିଲାପାଳ ସ୍ପଷ୍ଟ କରିବା ପରେ ଏହାକୁ ନେଇ ଗରୁବାର ଗଣ୍ଡଗୋଳ ହୋଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ବୁଧବାର ଅନାସ୍ଥା ପ୍ରସ୍ତାବ ଉପରେ ବସିଥିବା ବୈଠକରେ କୋରମ ଅଭାବରୁ ଭୋଟଗ୍ରହଣ ହୋଇପାରି ନ ଥିଲା। ତେବେ ସରପଞ୍ଚ ତାଙ୍କ ପଦ ବଜାୟ ରଖିବେ ବୋଲି ଉପଜିଲାପାଳ କହିଥିଲେ। ଏହାପରେ ତାଙ୍କ ସମର୍ଥକମାନେ ଖଲାରୀ ଛକରେ ଉତ୍ସବ ମନାଇବା ସହ ବାଣ ଫୁଟାଇଥିଲେ। ପରେ ଦିଲୀପ ସାହୁ ଓ ସିତୁ ଦେହୁରୀଙ୍କୁ ଫୋନ୍‌ରେ ମାଟିଆସାହି ଅଞ୍ଚଳର କାନୁ ପ୍ରଧାନ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏପରି କି ବାଣ କାହିଁକି ଫୁଟାଇଲ ତାହାର ପ୍ରତିବାଦ କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲେ। ଗୁରୁବାର ଅପରାହ୍ନରେ ଲିଙ୍ଗରାଯୋଡ଼ି ଅଞ୍ଚଳର ସିତୁ ଓ ଖଲାରୀ ଅଞ୍ଚଳର ଦିଲୀପ ମାଟିଆସାହି ରାସ୍ତା ଦେଇ ଯାଉଥିବା ସମୟରେ ବିରୋଧୀ ଗୋଷ୍ଠୀର କାନୁ ଓ ତାଙ୍କ ସାଙ୍ଗମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଦିଲୀପଙ୍କ ସୁନା ଚେନ କେହି ନେଇଯାଇଥିବା ସେ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରିବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

■ଥାନାରେ ଏତଲା ଦେଲେ ମହିଳା ମହାବିଦ୍ୟାଳୟ କର୍ତ୍ତୃପକ୍ଷ

## ସର୍ଭେ କହି ଡାଟା ନେଇଯାଇଛନ୍ତି ଦୁଇ ଯୁବକ

**ଅନୁଗୋଳ ଅଫିସ, ୩୧।୧୦**

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସର୍ଭେ ପାଇଁ ଏକ କମ୍ପ୍ୟୁଟର ସଂସ୍ଥାରୁ ଆସିଥିବା କହି ଦୁଇ ଯୁବକ ଗତ ୨୯ ତାରିଖରେ ଅନୁଗୋଳ ମହିଳା ମହାବିଦ୍ୟାଳୟରୁ ଡାଟା ନେଇଯାଇଥିବା କର୍ତ୍ତୃପକ୍ଷ ଗୁରୁବାର ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ପୋଲିସ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଡାକି ପଚରା ଉଚରା କରି ଛାଡ଼ି ଦେଇଥିବା ସୂଚନା ମିଳିଛି।

ଅଭିଯୋଗରୁ ପ୍ରକାଶ ଯେ, ଗତ ୨୯ ତାରିଖ ପୂର୍ବାହ୍ନରେ ଅନୁଗୋଳ ମହିଳା ମହାବିଦ୍ୟାଳୟକୁ ଦୁଇ ଯୁବକ ଆସିଥିଲେ। ଏକ କମ୍ପ୍ୟୁଟର ସଂସ୍ଥାର କର୍ମଚାରୀ ପରିଚୟ ଦେବା ସହ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଆସିଛୁ ବୋଲି କଲେଜ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏପରି କି ସର୍ଭେରେ ସବୁ ତଥ୍ୟ ଠିକ୍ ଥିଲେ କଲେଜକୁ ପୁରସ୍କାର ମିଳିବ ବୋଲି ସୂଚନା ଦେଇଥିଲେ। ଦୁହେଁ ସେମାନଙ୍କ ମୋବାଇଲ ନମ୍ବର ମଧ୍ୟ ଦେଇଥିଲେ। ଏହାପରେ ସେମାନେ ମହାବିଦ୍ୟାଳୟରେ ଅଧ୍ୟୟନରତ କେତେଜଣ ଛାତ୍ରୀଙ୍କ ଫଟୋ, ମୋବାଇଲ ନମ୍ବର ଓ ଠିକଣା ସଂଗ୍ରହ କରିଥିଲେ। ତେବେ କୌଣସି କାରଣରୁ କର୍ତ୍ତୃପକ୍ଷଙ୍କ ସନ୍ଦେହ ହେବାରୁ ଯୁବକ ଦ୍ୱୟ କୌଶଳର ସହିତ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପରେ କର୍ତ୍ତୃପକ୍ଷ ଦୁହିଁଙ୍କୁ ଯୋଗଯୋଗ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ବିଭିନ୍ନ ମହଲରୁ ଚାପ ପଡ଼ିବା ପରେ ଶେଷରେ କଲେଜ କର୍ତ୍ତୃପକ୍ଷ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ଜଣଙ୍କର ସନ୍ଧାନ ପାଇବା ସହ ଥାନାକୁ ଡକାଇ ପଚରା ଉଚରା କରି ଛାଡ଼ି ଦେଇଥିବା ଜଣାପଡ଼ିଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସଙ୍ଗୀତା ଦାସ କହିଛନ୍ତି, ଦୁଇ ଯୁବକ ଆସିଥିଲେ। ନକଲି ପରିଚୟ ନେଇ ଛାତ୍ରୀଙ୍କୁ ଡାକି ପାଠପଢ଼ା, କ୍ଲାସ ଠିକ୍ ଭାବେ ହେଉଛି କି ନାହିଁ ପଚାରି ବୁଝିଥିଲେ। ତେବେ ଏ ନେଇ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

■ ହାଇଦ୍ରାବାଦରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ମୃତଦେହ ନେଇ ଆସିଥିବା ଆମ୍ବୁଲାନ୍ସକୁ ଅଟକ ରଖିଲେ ଗ୍ରାମବାସୀ

**ଖଇରା, ୩୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସଇଁ ଗ୍ରାମର ଶ୍ରୀଧର ମହାନ୍ତିଙ୍କ ହାଇଦ୍ରାବାଦରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ବୁଧବାର ସନ୍ଧ୍ୟାରେ ମୃତଦେହ ନେଇ ଗ୍ରାମକୁ ଆସିଥିବା ଆମ୍ବୁଲାନ୍ସକୁ ଗ୍ରାମବାସୀ ଅଟକ ରଖିଛନ୍ତି। ପୁଅ ଆଲୋକ ମହାନ୍ତିଙ୍କ ଅଭିଯୋଗ ପରେ ଖଇରା ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ସୋର ପଠାଇଛି।

ଅଭିଯୋଗ ଅନୁଯାୟୀ ଶ୍ରୀଧର ହାଇଦ୍ରାବାଦର ସୋରରାମ ଅଞ୍ଚଳରେ ଥିବା ଶ୍ରୀନିବାସ କୋପାଳି ଜୋଡି ମେଟାଲ କେମିକାଲ କମ୍ପାନୀରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଅସୁସ୍ଥତା କାରଣରୁ ୨୯ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା କମ୍ପାନୀ ପକ୍ଷରୁ ତାଙ୍କ ଘରକୁ ଫୋନ ଦ୍ୱାରା ଜଣାଯାଇଥିଲା। ଘରୁ କୌଣସି ଲୋକ ସେଠାକୁ ଯିବା ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ଶ୍ରୀନିବାସଙ୍କ ପାଖରେ ରହୁଥିବା ଜଣେ ମହିଳା ଓ ଅନ୍ୟ ଜଣେ ପରିଚିତ ଯୁବକଙ୍କୁ ୧ଲକ୍ଷ ଟଙ୍କା ଦେଇ ମୃତଦେହକୁ ଏକ ଆମ୍ବୁଲାନ୍ସରେ ଘରକୁ ପଠାଇ ଦେଇଥିଲେ। ମୃତ୍ୟୁକାଳୀନ ସହାୟତା ଅତି କମ୍‌ରେ ୧୦ଲକ୍ଷ ପ୍ରଦାନର ନିୟମ ଥିବାବେଳେ ମାତ୍ର ୧ଲକ୍ଷ ଟଙ୍କା ଦିଆଯିବା ଏବଂ ସେଠାକାର ମେଡିକାଲରେ କୌଣସି ବ୍ୟବଚ୍ଛେଦ କରା ନ ଯିବା ପରିବାର ଲୋକ ଏବଂ ଗ୍ରାମବାସୀଙ୍କୁ ସନ୍ଦେହରେ ପକାଇଥିଲା। ଗ୍ରାମରେ ବୈଠକ ଡକାଯାଇ ଆମ୍ବୁଲାନ୍ସକୁ ଅଟକ ରଖାଯିବାକୁ ନିଷ୍ପତ୍ତି ନିଆଯିବା ସହ ଖଇରା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଖଇରା ଥାନାଧିକାରିଣୀଙ୍କ ନିର୍ଦ୍ଦେଶ କ୍ରମେ ଶବକୁ ବ୍ୟବଚ୍ଛେଦ ପାଇଁ ସୋର ପଠାଯାଇଛି। ସେଠାରୁ ଫେରିବା ପରେ ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

## ରୋଟାରି ଛାତ୍ରୀଛାତ୍ରଙ୍କ ପ୍ରଭାତ ଫେରି




ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲରେ ଏକତା ଦିବସ ପାଳନ କରାଯାଉଛି।

**ଅନୁଗୋଳ ଅଫିସ, ୩୧।୧୦**

ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସ ସହ ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ପ୍ରଭାତ ଫେରିର ଆୟୋଜନ ହୋଇଥିଲା। ଅଧ୍ୟକ୍ଷ ଡକ୍ଟର କଳିଙ୍ଗ କେଦାର କମଳାପତି କ୍ରିଷ୍ଣସଖାମୂର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପବ୍ଲିକ ସ୍କୁଲ ଶିକ୍ଷକ ପ୍ରମୋଦ କୁମାର ନାୟକ, ଦୁଷ୍ୟନ୍ତ କୁମାର ନାଥ, ମନୋଜ ମିଶ୍ର, ସ୍ମିତାରାଣୀ ମିଶ୍ର, ନର୍ମଦା ସାମଲ, ନନ୍ଦିତା ପଟେଲ, ପ୍ରତାପ ସାହୁ, ଅଜୟ ଦାସ ପ୍ରମୁଖ ପ୍ରଭାତ ଫେରି ପରିଚାଳନା କରିଥିଲେ।

## ବିଧାୟକଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସେବା ଅନୁଧ୍ୟାନ କରୁଛନ୍ତି ବିଧାୟକ।

**ଛେଣ୍ଡିପଦା, ୩୧।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଗୁରୁବାର ରାତି ପ୍ରାୟ ୯ଟାରେ ଅଚାନକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ବିଧାୟକ ୱାର୍ଡ ପରିଦର୍ଶନ କରିବା ସହିତ ରୋଗୀମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଧୀରେନ ପ୍ରଧାନଙ୍କ ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ ଓ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପର୍ଯ୍ୟଟନ ବିକାଶକୁ ଅଣଦେଖା

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୩୧।୧୦**

- ପ୍ରକୃତି ଦତ୍ତ ଜଳପ୍ରପାତ କରୁଛି ମତୁଆଲା
- ଭିତ୍ତିଭୂମି ଥାଇ ଲୋକଲୋଚନକୁ ଆସିପାରୁନି

କେନ୍ଦୁଝରରେ ପଡ଼ିଲାଣି ଶୀତ। ଏହାହେଉଛି ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ବଣପାହାଡ ଘେରା କେନ୍ଦୁଝର ଜିଲାର ପ୍ରତିଟି ସ୍ଥାନ ରମଣୀୟ। ଏହି ଜିଲାର ପ୍ରାକୃତିକ ପରିବେଶ ଓ ଜଙ୍ଗଲ ପରିବେଷ୍ଟିତ ପ୍ରକୃତିଦତ୍ତ ଜଳପ୍ରପାତ ଗୁଡିକ ପର୍ଯ୍ୟଟକଙ୍କୁ ଜିଲାକୁ ଆକୃଷ୍ଟ କରିଥାଏ। ଏବେଭି ବହୁ ଅନାଲୋଚିତ ଜଳପ୍ରପାତ ଜିଲାରେ ରହିଛି ଯାହାକି ଦୃଷ୍ଟିକୁ ଆସି ପାରିନାହିଁ। ଶୀତ ଦିନ ଆସିଲେ ପର୍ଯ୍ୟଟକଙ୍କ ଭିଡ଼ ଜମେ। ଏହାର ପ୍ରାକୃତିକ ଜଙ୍ଗଲ, ପାହାଡ ତଥା ଅଙ୍କାବଙ୍କା ରାସ୍ତା, ପାହାଡ଼ରେ ରାଶି/ସୋରିଷ କ୍ଷେତର ସୌନ୍ଦର୍ଯ୍ୟ ସାଙ୍ଗକୁ ଝରଣା ଓ ଜଳପ୍ରପାତ ପର୍ଯ୍ୟଟକଙ୍କ ମଧ୍ୟରେ ରୋମାଞ୍ଚ ସୃଷ୍ଟି କରିଥାଏ। କେନ୍ଦୁଝର ଜିଲାରେ ସାନଘାଗରା, ବଡଘାଗରା, ଖଣ୍ଡାଧାର, ଗୁଣ୍ଡିଚା ଘାଗୀ, ହାଣ୍ଡିଭଙ୍ଗା, ଭୀମ କୁଣ୍ଡ, ମୁର୍ଗା, ଗିରିଡିବନ୍ଧ, ଅସୁରଖୋଲ, ପିଶାଚୁଣୀ, ବାରାଗଡ, କାଇଁଝରୀ, ପୁଚୁଘରଘାଗୀ ଭଳି ବହୁ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ଜଳପ୍ରପାତ ରହିଛି। ତେବେ ସେଥିରୁ ଅନେକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇ ନ ଥିବାରୁ ଅବହେଳିତ ହୋଇ ରହିଛି।

ଏପରିକି ଦୀର୍ଘ ବହୁ ବର୍ଷ ହେଲା ଜିଲା ପର୍ଯ୍ୟଟନ ଉନ୍ନୟନ କାଉନସିଲ ବୈଠକ ବସୁ ନ ଥିବାରୁ ସେସବୁ ମାନ୍ୟତା ପାଇପାରୁନାହିଁ କିମ୍ବା ବିକାଶ ହୋଇ ପାରୁନାହିଁ। ତେବେ ସାନଘାଗରା ଜଳପ୍ରପାତର ବିକାଶ ପାଇଁ ପ୍ରଶାସନ ଯେଉଁ ଭଳି ଭାବରେ ଉଦ୍ୟମ କରୁଛି ସେଭଳି ଉଦ୍ୟମ ଅନ୍ୟ ପର୍ଯ୍ୟଟନ କେନ୍ଦ୍ର ଗୁଡିକରେ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ହରିଚନ୍ଦନପୁର ଓ ଘଟଗାଁ ବ୍ଲକ ସୀମାରେ ଥିବା ମୂଷଳ ନାଳ ଉପରେ ଥିବା ଗୁଣ୍ଡିଚାଘାଗୀ ପର୍ଯ୍ୟଟନ କେନ୍ଦ୍ରରେ ଥିବା ଏକାଧିକ ଜଳ ପ୍ରପାତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସେହିପରି କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ସୀମାରେ ରହିଛି ଭୀମକୁଣ୍ଡ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ର। ଏଠାରେ ରହିଛି ବୈତରଣୀ ନଦୀରେ ଜଳପ୍ରପାତ। ଏଠାକୁ ଲକ୍ଷାଧିକ ପର୍ଯ୍ୟଟକ ଆସୁଥିଲେ ହେଁ ପ୍ରଶାସନିକ ଆନ୍ତରିକତାର ଅଭାବ ଯୋଗୁ ବିକାଶ ମୂଳକ କାର୍ଯ୍ୟ କରାଯାଉଥିଲେ ହେଁ କେନ୍ଦୁଝର ଜିଲା ପର୍ଯ୍ୟଟନ ମାନଚିତ୍ରରେ ଅଦ୍ୟାବଧି ସ୍ଥାନ ପାଇପାରିନାହିଁ। ବାଂଶପାଳ ବ୍ଲକର କାଦକଳା ନିକଟରେ ଥିବା ସୁନ୍ଦରଗଡ ଜିଲା ସୀମାରେ ରହିଛି ସୁଉଚ୍ଚ ସୌନ୍ଦର୍ଯ୍ୟପୂର୍ଣ୍ଣ ଖଣ୍ଡାଧାର ଜଳପ୍ରପାତ। ଏଠାରେ ଜଳପ୍ରପାତରେ ଗାଧୋଇବା, ବହୁ ଉପରୁ ପାଣି ପଡୁଥିବାରୁ ପଥରରେ ପଡି ଜଳବିନ୍ଦୁ ଚର୍ତୁର୍ଦ୍ଦିଗ ବିଛୁରିତ ହୋଇ କୁହୁଡିଆ ପରିବେଶ ଓ ସେଥିରେ ତୀର୍ଯ୍ୟକ ଆଲୋକ ପଡି ଭାସମାନ ଇନ୍ଦ୍ରଧନୁ ଦୃଶ୍ୟ ମନମୁଗ୍ଧ କରିଥାଏ। ଯୋଡା ବ୍ଲକର ପ୍ରାକୃତିକ ପରିବେଶ ମଧ୍ୟରେ ଅନ୍ୟ ଏକ ପର୍ଯ୍ୟଟନ କେନ୍ଦ୍ର ହାଣ୍ଡିଭଙ୍ଗା ଜଳପ୍ରପାତ ରହିଛି। ଖଣି ଖାଦାନ ପ୍ରଭାବରେ ଏହାର ପରିବେଶ ନଷ୍ଟ ହେବାକୁ ବସିଛି। ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଅସୁରଖୋଲ ଜଳପ୍ରପାତ, ତେଲକୋଇ ବ୍ଲକର ପୁଚୁଘରଘାଗୀ, ଯୋଡା ବ୍ଲକର ପିଶାଚୁଣୀ, ବାଂଶପାଳ ବ୍ଲକର ବାରାଗଡ ପଞ୍ଚାୟତର ଘାଗରା, ସଦର ବ୍ଲକରେ ମହାଦେଇଯୋଡା ବ୍ଲକରେ ଥିବା ଘାଗରା, ସଦର ବ୍ଲକର ଗିରିଡିବନ୍ଧ ଜଳପ୍ରପାତର ବିକାଶ କରାଯାଉନଥିବାରୁ ପର୍ଯ୍ୟଟକଙ୍କ ଆଢୁଆଳରେ ରହିଯାଉଛି। ସରକାର ଆଦିବାସୀ ପର୍ଯ୍ୟଟନର ବିକାଶ କଥା କହୁଥିବା ବେଳେ କେନ୍ଦୁଝର ଜିଲାର ଆଦିବାସୀ ବହୁଳ ଅଞ୍ଚଳରେ ଥିବା ପ୍ରାକୃତିକ ପରିବେଶ ସମୃଦ୍ଧ ଜଳପ୍ରପାତ ଓ ଅନ୍ୟ କେନ୍ଦ୍ର ଗୁଡିକର ବିକାଶ କଲେ ଏହା ପରୋକ୍ଷରେ ସେମାନଙ୍କ ବିକାଶରେ ସହାୟକ ହେବ ବୋଲି ମତ ପ୍ରକାଶ ପାଉଛି।



ସଦର ବ୍ଲକ ଗିରିଡିବନ୍ଧ ଜଳପ୍ରପାତ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଛେଣ୍ଡିପଦା,୩୧।୧୦(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ମାରୁଢିପ ଗ୍ରାମରେ ଭାଲୁ ଆକ୍ରମଣରେ ଗୁରୁବାର ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ମାରୁଢିପ ଗ୍ରାମର ଅଚ୍ୟୁତ ମାଝି (୪୧)। ଅଚ୍ୟୁତ ଭୋର ୪ଟା ବେଳେ ଘର ପଛପଟକୁ ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଭାଲୁର ନଖ ପଶି ତାଙ୍କ ବେକରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଅଚ୍ୟୁତଙ୍କୁ ଅନୁଗୋଳ ଜିଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଫରେଷ୍ଟର କଳାକର ପ୍ରଧାନ ଓ କର୍ମଚାରୀମାନେ ପହଁଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ଗାଡ଼ି ମୋଟର ଯାଞ୍ଚ

**ବଇଣ୍ଡା,୩୧।୧୦(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ରାଣୀଭୂଇଁ ଗ୍ରାମ ନିକଟରେ ଗୁରୁବାର ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା। ଉଭୟ ପର୍ଶ୍ୱରେ ଆସୁଥିବା ବାଇକ୍‌ଗୁଡ଼ିକୁ ଅଟକାଇ ହେଲମେଟ ଯାଞ୍ଚ କରାଯାଇ ୮ଟି ମାମଲା ରୁଜୁ କରାଯିବା ସହ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ହଣ୍ଡପା ଥାନା ସେକେଣ୍ଡ ଅଫିସର ସରୋଜ କୁମାର ଦାସ ଏହି ଯାଞ୍ଚ କରିଥିଲେ।

### ଶିକ୍ଷକଙ୍କୁ ମାଡ଼, ଧମକ ଅଭିଯୋଗ

**ବଇଣ୍ଡା,୩୧।୧୦(ଡି.ଏନ.ଏ.):** ଠାକୁରଗଡ଼ ଥାନା କରଡ଼ାବାହାଲୀ (ଖ) ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନୟାଗଡ଼ ଜିଲା ଫତେଗଡ଼ ଥାନା ପଦ୍ମାବତୀ ଗ୍ରାମର ମନୋଜ କୁମାର ସାହୁଙ୍କୁ କରଡ଼ାବାହାଲୀ ଗ୍ରାମର ରାମଚନ୍ଦ୍ର ଦାସ, ବିନୋଦ ବେହେରା, ହରି ଭୋଇ ବୁଧବାର ରାତିରେ ମାଡ଼ ମାରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୧୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ପୋଲିସ କହିଛି, ମନୋଜ ଉକ୍ତ ବିଦ୍ୟାଳୟରେ ପଢ଼ାଇବା ସହ ରାତିରେ ରୁହନ୍ତି। ବୁଧବାର ରାତିରେ ସେ ସ୍କୁଲ ବାରଣ୍ଡାରେ ଶୋଇଥିବା ବେଳେ ଅଭିଯୁକ୍ତମାନେ ଠିକ୍‌ରେ କାହିଁକି ପାଠ ପଢ଼ାଉନାହଁ କହି ମାଡ଼ ମାରିବା ସହ ବଦଳି ହୋଇଯିବା ପାଇଁ ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ବାଲିପଟା ଗ୍ରାମରେ କାଳୀ ପୂଜା

**ଛେଣ୍ଡିପଦା,୩୧।୧୦ (ଡି.ଏନ.ଏ.):** ଛେଣ୍ଡିପଦା ବ୍ଲକ ବାଲିପଟା ଗ୍ରାମରେ ମା' ଦକ୍ଷିଣ କାଳୀ ପୂଜା କମିଟି ପକ୍ଷରୁ ମା' କାଳୀଙ୍କ ବାର୍ଷିକ ପୂଜା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ଏହି ଅବସରରେ କଳସ ଯାତ୍ରା, ହୋମଯଜ୍ଞ, ପୁରାଣ ପାଠ, ଅହୋରାତ୍ର ନାମ ସଂକୀର୍ତ୍ତନ ଆଦି କରାଯାଇଛି। ରଙ୍ଗ ବେରଙ୍ଗର ଆଲୋକମାଳାରେ ପୂଜା ମଣ୍ଡପ ସହ ତୋରଣ ସାଜସଜ୍ଜା କରାଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ଭିଡ ଲାଗୁଛି। ପ୍ରତି ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅପେରା ପରିବେଷଣ କରାଯାଉଛି। ପୂଜା କମିଟି ସଦସ୍ୟ ତଥା ସ୍ଥାନୀୟ ଗ୍ରାମବାସୀ ସହଯୋଗ କରୁଛନ୍ତି। ସେହିପରି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମା'କାଳୀଙ୍କ ବାର୍ଷିକ ପୂଜା ଉତ୍ସବ ପାଳନ ହେଉଛି। ବ୍ଲକର ଚାଙ୍ଗୁଡିଆ, ଦୁର୍ଗାପୁର ଟାଙ୍ଗିରିସାହି ଆଦି ସ୍ଥାନରେ ଏହି ପୂଜା ଆୟୋଜନ କରାଯାଇଛି। ଏହି ଅବସରରେ ହୋମଯଜ୍ଞ, ପୁରାଣ ପାଠ ଆଦି କାର୍ଯ୍ୟକ୍ରମ କରାଯାଉଛି। ସେହିପରି କତଡା- ପିତାଚରୀ ରାସ୍ତାର ହନୁମାନ ମନ୍ଦିରଠାରେ ଯଥାବିଧି ବାର୍ଷିକ ପୂଜା ଉତ୍ସବ ପାଳିତ ହୋଇଛି।



## ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# 'ଲୋଭ ପରିହାର କର, ସଚ୍ଚୋଟ ହୁଅ'

**ଅନୁଗୋଳ ଅଫିସ, ୩୧।୧୦**

ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଗୁରୁବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଯୋଗଦେଇ ଦୁର୍ନୀତି ନିବାରଣ ପାଇଁ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଲୋଭ ପରିହାର କରି ସଚ୍ଚୋଟପଣିଆକୁ ଆଦରି ନେଲେ ସମାଜରେ ପରିବର୍ତ୍ତନ ଆସିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଅତିରିକ୍ତ ଜିଲାପାଳ କହିଥିଲେ ଯେ, ସରକାର ଶାସନଗତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ୫-ଟି ଓ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶା ଜନସେବା ଅଧିକାର ଆଇନରେ ଲୋକମାନଙ୍କୁ ୨୪୦ ପ୍ରକାର ସେବା ୩୫ଟି ବିଭାଗ ଦ୍ୱାରା ପ୍ରଦାନ କରାଯାଉଛି। ଏଥିରେ ଖିଲାପ କଲେ ଦଣ୍ଡବିଧାନ କରାଯାଉଛି। ତେଣୁ ଲାଞ୍ଚ ଗ୍ରହଣ ଓ ଲାଞ୍ଚ ଦେବାକୁ ପ୍ରତିରୋଧ ସହ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଲୋକଙ୍କୁ ସେବା ଯୋଗାଇ ଦେବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଚଳିତ ବର୍ଷର ବାର୍ତ୍ତା ସଚ୍ଚୋଟତା ଏକ ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଯୋଗଦେଇ ଦୁର୍ନୀତି ସମାଜକୁ ସମୃଦ୍ଧିରୁ ବଞ୍ଚିତ କରୁଛି ବୋଲି କହିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦୁର୍ନୀତି ନିବାରଣ ନିମନ୍ତେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ, ସାମାଜିକ କର୍ମୀ, ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ରମାନଙ୍କୁ ଶପଥପାଠ କରାଯାଇଥିଲା। ଏଥିସହ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଶତବାର୍ଷିକୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ରାଷ୍ଟ୍ରୀୟ ସଙ୍କଳ୍ପ ଦିବସ ଶପଥ ପାଠ କରାଯାଇଥିଲା। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବସନ୍ତ କୁମାର ପ୍ରଧାନ ଓ ଅନୁଗୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଗୋଳ ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ପ୍ରଦୀପ କୁମାର ପ୍ରଧାନ ଓ ଇନ୍ସପେକ୍ଟର ଦଇତାରୀ ଘଡ଼େଇଙ୍କ ସମେତ ଭିଜିଲାନ୍ସ କାର୍ଯ୍ୟାଳୟର କର୍ମଚାରୀ, ଜିଲା ସଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।



ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନେ।



ନୂଆ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରୁଛନ୍ତି।

### ଦାୟିତ୍ୱ ନେଲେ ବଇଣ୍ଡା କଲେଜ ଅଧ୍ୟକ୍ଷ

**ବଇଣ୍ଡା,୩୧।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ସିଦ୍ଧାର୍ଥ ପଣ୍ଡା ଗୁରୁବାର ପୂର୍ବତନ ଅଧ୍ୟକ୍ଷ ବିପିନ ବିହାରୀ ପ୍ରଧାନଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ନୂଆ ଅଧ୍ୟକ୍ଷ ମହାବିଦ୍ୟାଳୟରେ ପାଠପଢ଼ା ସହ ବିକାଶ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେବାକୁ ଅଧ୍ୟାପକ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶ୍ରୀନିବାସ ଦେହୁରୀ, ଅସିତ ଜେନା, କାଳନ୍ଦି ପ୍ରଧାନ, ହାଡ଼ିବନ୍ଧୁ ପ୍ରଧାନ, ରବିନାରାୟଣ ବେହେରାଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଉଠାଇ ନେଲା ପୋଲିସ

**ଛେଣ୍ଡିପଦା, ୩୧।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ପୋଲିସ ଗୁରୁବାର ମଝି ବଜାରରୁ ଜଣେ ସନ୍ଦିଗ୍ଧ ଯୁବକକୁ ଉଠାଇନେଇ ପଚରା ଉଚୁରା କରୁଛି। ସମ୍ପୃକ୍ତ ଯୁବକ ଜଣଙ୍କ ବ୍ରହ୍ମପୁର ଅଞ୍ଚଳର ଓ ତାଙ୍କ ନାମରେ ବହୁ ଅଭିଯୋଗ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ମଧ୍ୟାହ୍ନରେ ୩ ଜଣ ଯୁବକ ଦୁଇଟି ନମ୍ବର ବିହୀନ ବାଇକ୍‌ରେ ମଝି ବଜାରରେ ଥିବା ଏକ ସୁନା ଦୋକାନ ଓ ନିକଟସ୍ଥ ବ୍ୟାଙ୍କ ସମ୍ମୁଖରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିଲେ। ସେହି ସମୟରେ ଛେଣ୍ଡିପଦା ଥାନା ଏସଆଇ ଶୁଭେନ୍ଦୁ କୁମାର ଧୀର କୋର୍ଟକୁ ସାକ୍ଷୀ ଦେବା ପାଇଁ ଯାଉଥିବା ବେଳେ ଯୁବକମାନଙ୍କ ଉପରେ ସନ୍ଦେହ ହୋଇଥିଲା। ମୋଟରସାଇକେଲ ରଖି ସେମାନଙ୍କ ନିକଟକୁ ଯାଉଥିବା ବେଳେ ପୋଲିସକୁ ଦେଖି ଦୁଇଜଣ ଯୁବକ ଗୋଟିଏ ବାଇକ୍‌ରେ ଫେରାର ହୋଇ ଯାଇଥିଲେ। ଅନ୍ୟଜଣଙ୍କୁ ଏସଆଇ କାବୁ କରି ନେଇଥିଲେ। ପରେ ଥାନା କର୍ମଚାରୀଙ୍କୁ ଡକାଇ ସମ୍ପୃକ୍ତ ଯୁବକଙ୍କୁ ଜିମା ଦେଇ ସେ କୋର୍ଟକୁ ଯାଇଥିଲେ। ତଦନ୍ତରେ ବାଧା ଉପୁଜିବା ଆଶଙ୍କା ଥିବାରୁ ଏ ସମ୍ପର୍କରେ ଥାନା ଅଧିକାରୀ କୌଣସି ସୂଚନା ଦେଉନାହାନ୍ତି।

## ପରିବା ଚାଷ ସମ୍ବନ୍ଧୀୟ ତାଲିମ




**ବଇଣ୍ଡା,୩୧।୧୦(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ମାଧପୁର ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଗୁରୁବାର ପରିବା ଚାଷ ସମ୍ବନ୍ଧୀୟ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରା ଯୋଗଦେଇ କିଭଳି ସହଜରେ ପରିବା ଚାଷ କରିହେବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱଯୁବ କେନ୍ଦ୍ର ସଭାପତି ପ୍ରଫେସର ଡ. ନନ୍ଦ କିଶୋର ମହାକୁଡ଼, ସହକାରୀ ବନ ସଂରକ୍ଷକ ଗୌରୀଶଙ୍କର ଦାସ, ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। ୨୦ଟି ସଂରକ୍ଷଣ ସମିତିରୁ ୨୮ଜଣ ମହିଳାଙ୍କୁ ୭ ଦିନ ଧରି ତାଲିମ ସହ ବିଭିନ୍ନ ପରିବା ଚାଷ ପାଇଁ ମଞ୍ଜି ପ୍ରଦାନ କରାଯାଇଥିଲା।

## ଉଚ୍ଛେଦକୁ ବିରୋଧ, ୫ ଗିରଫ

**ତାଳଚେର, ୩୧।୧୦(ନି.ପ୍ର.)**

କଳିୟାରୀ ପୋଲିସ ବୁଧବାର ରାତିରେ ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମର ମନୋଜ ସାହୁଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗତ ୨୯ ତାରିଖରେ ଏମ୍‌ସିଏଲ ପକ୍ଷରୁ ତାଳଚେର ବ୍ଲକ ଭାଲୁଗାଡିଆ ଗ୍ରାମରେ ଉଚ୍ଛେଦ ବେଳେ ବିରୋଧ କରାଯିବା, ଖଣିବନ୍ଦ କରିବା, ବିଭିନ୍ନ ରାସ୍ତାରେ ଟାୟାର ଜାଳିବା ସହ ଭୟଭୀତ କରି ଦୋକାନ ବଜାର ବନ୍ଦ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ ପ୍ରକାଶ କରିଛି। ଏ ସଂକ୍ରାନ୍ତରେ କଳିୟାରୀ ଥାନାରେ ନଂ ୩୭୮/୧୯ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ତାଳଚେର ପୋଲିସ ୨୯ ତାରିଖ ଘଟଣାରେ ସନ୍ଥପଡ଼ାର ଜ୍ଞାନେନ୍ଦ୍ର ସାମଲ, ସରୋଜ ସାମଲ, କାଳିଆ ସାହୁ ଓ ପଙ୍କଜଲୋଚନ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ସଂକ୍ରନ୍ତରେ ନଂ. ୩୧୯/୧୯ରେ ମାମଲା ରୁଜୁ କରାଯାଇଛି। ସମ୍ପୃକ୍ତ ୫ଜଣ ବିଜେଡି ସମର୍ଥକ ବୋଲି କୁହାଯାଉଛି।

## ଛେଣ୍ଡିପଦାରେ ଜନସମ୍ପର୍କ ପଦଯାତ୍ରା




ବିଧାୟକଙ୍କ ସହ କର୍ମୀମାନେ ପଦଯାତ୍ରା କରୁଛନ୍ତି।

**ଛେଣ୍ଡିପଦା,୩୧।୧୦ (ଡି.ଏନ.ଏ.)/ (ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏହି ପଦଯାତ୍ରା ପ୍ରଥମେ ଟେଣ୍ଟୁଲୋଇ ପଞ୍ଚାୟତ ପରିକ୍ରମା କରିବା ପରେ କୁକୁରପେଟା ଓ କୋଶଳା ପଞ୍ଚାୟତ ପରିକ୍ରମା କରିଥିଲା। ଏହାପରେ କୋଶଳା ଆଇଟିଆଇ ନିକଟସ୍ଥ ଆମ୍ବତୋଟା ଠାରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ବ୍ଲକ ସଭାପତି ଶ୍ରୀଧର ଗଡ଼ନାୟକ ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ତଥା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଉପାଧ୍ୟକ୍ଷା ସୁଷମା ରାଉଳ, ଜିଲା ପରିଷଦ ସଭାପତି ବାସନ୍ତୀ କିସାନ, ଜିଲା ପରିଷଦ ସଭ୍ୟ ଭାସ୍କର ଚନ୍ଦ୍ର ସାହୁ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ବ୍ଲକ ପ୍ରତିନିଧି ନାରାୟଣ ସାହୁ, ବରିଷ୍ଠ ନେତା ଉପେନ୍ଦ୍ର କୁମାର ବେହେରା, ବିଜୟ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାୟ ୩ ହଜାରରୁ ଅଧିକ ଦଳୀୟ କର୍ମୀଙ୍କ ସମାବେଶ ହୋଇଥିଲା।

## ଛାତ୍ରଙ୍କ ପ୍ରୟାସକୁ ପ୍ରଶଂସା




ଛାତ୍ରମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

**ଅନୁଗୋଳ ଅଫିସ, ୩୧।୧୦**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଏକ ଶୋଭାଯାତ୍ରା ବୁଧବାର ପୂର୍ବାହ୍ନରେ ଅନୁଗୋଳ ଜେଲ ପରିସରରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟ, ଅନୁଗୋଳ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ଭାଗ ନେଇଥିଲେ। ଡିଏସ୍‌ପି ଭିଜିଲାନ୍ସ ପ୍ରଦୀପ କୁମାର ପ୍ରଧାନ ପତାକା ଦେଖାଇ ଏହାର ଶୁଭାରମ୍ଭ କରିବା ସହ ଦୁର୍ନୀତି ନିବାରଣ ନିମନ୍ତେ ସଚେତନତା ସୃଷ୍ଟି ପାଇଁ ଛାତ୍ରମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଅନୁଗୋଳ ଦୁର୍ନୀତି ନିବାରଣ ବିଭାଗ ଇନ୍ସପେକ୍ଟର ଦଇତାରୀ ଘଡ଼ାଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଓଷ୍ଟା ରାଜ୍ୟସ୍ତରୀୟ କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାଣିଗ୍ରାହୀଙ୍କ ସମେତ ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ, ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପରିଚାଳନା କରିଥିଲେ।

## ଇସ୍କନରେ ଗୋବର୍ଦ୍ଧନ ପୂଜା

**ଅନୁଗୋଳ ଅଫିସ, ୩୧।୧୦**

ଅନୁଗୋଳ ଇସ୍କନ କେନ୍ଦ୍ରରେ ଗିରିରାଜ ଗୋବର୍ଦ୍ଧନଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ଓ ବିଗ୍ରହମାନଙ୍କ ସାଜସଜ୍ଜା କରାଯାଇଥିଲା। ସହର ଉପକଣ୍ଠ ଭଣ୍ଡୁବର ଅଞ୍ଚଳରେ ନଗର ସଂକୀର୍ତ୍ତନ ହୋଇଥିଲା। ବରିଷ୍ଠ ବ୍ରହ୍ମଚାରୀ ରାଧାନାଥ ଦାସ ଗୋବର୍ଦ୍ଧନ ଲୀଳା ଓ ଗୋବର୍ଦ୍ଧନ ପୂଜା ବିଷୟରେ ପ୍ରବଚନ ଦେଇଥିଲେ। ମଧ୍ୟାହ୍ନରେ ଗିରିରାଜ ଗୋବର୍ଦ୍ଧନଙ୍କ ମହାଅଭିଷେକ ଓ ମହାଆରତୀ କରାଯାଇଥିଲା। ପରେ



ଗିରିରାଜ ଗୋବର୍ଦ୍ଧନଙ୍କ ପରିକ୍ରମା କରାଯାଇଥିଲା। ଅନୁଗୋଳ ଇସ୍କନ କେନ୍ଦ୍ର ପରିଚାଳକ ଜୟଗୋପାଳ ଦାସଙ୍କ ସହ ସମସ୍ତ ଭକ୍ତ ଉପସ୍ଥିତ ଥିଲେ।

## ପୁଣି ବାହାରୁ ରୋଗୀ କିଣିଲେ ମେଡିସିନ

# ସମ୍ପର୍କୀୟ ତାଡିଲା ପରେ ଚେତିଲେ କର୍ତ୍ତୃପକ୍ଷ

**ଅନୁଗୋଳ ଅଫିସ, ୩୧।୧୦**

୫-ଟି ସଚିବଙ୍କ ତାଗିଦ ପରେ ବି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ଅନେକଙ୍କୁ ବାହାରୁ ଔଷଧ କିଣିବାକୁ ପଡୁଥିବା ଅଭିଯୋଗ ହେଉଛି। ଗୁରୁବାର ଏପରି ଘଟଣାକୁ ନେଇ ପୁରୁଷ ୱାର୍ଡରେ ଚିକିତ୍ସାଧୀନ ଜଣେ ରୋଗୀଙ୍କ ସମ୍ପର୍କୀୟ ତାଡିବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କ ଚେତା ଉଦୟ ହୋଇଛି। ତୁରନ୍ତ ମେଡିକାଲ ପକ୍ଷରୁ ବାହାରୁ ଔଷଧ କିଣାଯାଇ ସମ୍ପକ୍ତ ରୋଗୀଙ୍କୁ ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ବଅଁରପାଳ ବ୍ଲକ ଗୋଳାବନ୍ଧ ଅଞ୍ଚଳର ବଶିଷ୍ଟ ସ୍ୱାଇଁ(୨୧) ସିକ୍‌ଲିନ୍ ରୋଗରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମାସକୁ ସେ ୩ଥର ଚିକିତ୍ସା ପାଇଁ ଆସିଥାନ୍ତି। ଗତ ଦୁଇଦିନ ତଳେ ସେ ପୁରୁଷ ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ହେଲେ ମେଡିକାଲରେ ତାଙ୍କୁ ମାଗଣାରେ ଔଷଧ ମିଳୁନାହିଁ। ଫଳରେ ଦୁଇ ଦିନ ହେଲା ସେ ବାହାରୁ ମେଡିସିନ କିଣୁଥିଲେ। କିନ୍ତୁ ତାଙ୍କ ବିଧବା ମା ଦମୟନ୍ତୀ ସ୍ୱାଇଁଙ୍କ ନିକଟରୁ ଗୁରୁବାର ଟଙ୍କା ସରିଯିବାରୁ ସେ ମେଡିସିନ କିଣିପାରି ନ ଥିଲେ। ଏ ନେଇ ମେଡିକାଲରେ ଥିବା କର୍ମଚାରୀଙ୍କ ସେ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ମେଡିସିନ୍ ଦେବା ବଦଳରେ ତାଙ୍କୁ କର୍ମଚାରୀମାନେ ନାଲି ଆଖି ଦେଖାଇଥିଲେ। ଫଳରେ ସେ ୱାର୍ଡ ମଧ୍ୟରେ ପାଟିତୁଣ୍ଡ କରିବା ସହ ଜିଲାପାଳଙ୍କୁ ଅବଗତ କରିବେ ବୋଲି କହିଥିଲେ। ଏହାପରେ କର୍ମଚାରୀମାନେ ତାଙ୍କୁ ସିଡିଏମ୍‌ଓଙ୍କୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ। ରୋଗୀଙ୍କ ମା' ଦମୟନ୍ତୀ ଏ ନେଇ ଏଡିଏମ୍‌ଓ(ମେଡିକାଲ)ଙ୍କୁ ଜଣାଇବା ପରେ ତାଙ୍କ ପୁଅଙ୍କ ପାଇଁ ମେଡିସିନ୍ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।



ରୋଗୀ ବଶିଷ୍ଟ ସ୍ୱାଇଁ ଏବଂ ତାଙ୍କ ମା' ଦମୟନ୍ତୀ।

ଏ ସମ୍ପର୍କରେ ସିଡିଏମ୍‌ଓ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି କହିଛନ୍ତି, ଏପରି ଘଟଣା ଶୁଣିଥିଲି। ସିକଲିନ୍ ରୋଗୀଙ୍କୁ ମେଡିସିନ୍ ପ୍ରଦାନ କରାଯାଇଛି। ମେଡିକାଲରେ ମେଡିସିନ୍ ନ ଥିଲେ ଆମେ ବାହାରୁ କିଣି ରୋଗୀଙ୍କୁ ଦେବାର ନିୟମ ରହିଛି। ଏପରି କି ଗୁରୁବାର ତିନୋଟି ଏପରି ମେଡିସିନ୍ ବାହାରୁ କିଣା ହେବା ଘଟଣା ସମ୍ପର୍କରେ ଡାକ୍ତରମାନେ ଅବଗତ କରିଥିବା ସିଡିଏମ୍‌ଓ ପ୍ରକାଶ କରିଛନ୍ତି।

## ଏନ୍‌ସିସି କ୍ୟାଡେଟଙ୍କ ସଚେତନତା ଶୋଭାଯାତ୍ରା

**ଅନୁଗୋଳ ଅଫିସ, ୩୧।୧୦**

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ସ୍ୱତନ୍ତ୍ର ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏନ୍‌ସିସି ଶିକ୍ଷକ ଜଗନ୍ନାଥ ପଣ୍ଡା, ସହ ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥ, ବରିଷ୍ଠ ଆଚାର୍ଯ୍ୟ ଜିତେନ କୁମାର ଦାଶ ଓ ବସନ୍ତ କୁମାର ବେହେରାଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଏମ୍‌ପିଙ୍କୁ ଦାବିପତ୍ର

**ବଇଣ୍ଡା,୩୧।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଗୁରୁବାର ବଇଣ୍ଡା ଗ୍ରାମବାସୀ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ, କିଶୋରନଗର ବ୍ଲକ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଅବହେଳିତ ଅବସ୍ଥାରେ ରହିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଶିକ୍ଷାକେନ୍ଦ୍ର ଏହି ବ୍ଲକରେ ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ର ଭଲ ଶିକ୍ଷା ଅର୍ଜନ କରିବା ପାଇଁ ଜିଲା ତଥା ଅନ୍ୟ ଜିଲାର ବିଦ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ୫୫ ନଂ. ଜାତୀୟ ରାଜପଥ ସହ ବଇଣ୍ଡା ରେଳ ଷ୍ଟେଶନ ଥିବାରୁ ଏହା ଉପରେ ଆଖପାଖ ଅଞ୍ଚଳବାସୀ ନିର୍ଭରଶୀଳ। ତେଣୁ ଶିକ୍ଷାର ମାନ ବୃଦ୍ଧି, ବାଳିକା ଶିକ୍ଷାର ଉନ୍ନତି ନିମନ୍ତେ ବଇଣ୍ଡା କିମ୍ବା ଜାମୁନାଳୀଠାରୁ ବାମୁର ପର୍ଯ୍ୟନ୍ତ ଯେ କୌଣସି ସ୍ଥାନରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯାଉ। ନୁନୁକାପଶି ସରପଞ୍ଚ ଜଳଧର ସାହୁ, ବରିଷ୍ଠ ନାଗରିକ ଭଗବାନ ଘିଓ୍ୱାଲା, ଆଇନଜୀବୀ ମାଧବ ସାହୁ, ପରିକ୍ଷିତ ସାହୁ, ରଣଜିତ ପଟ୍ଟନାୟକ, ରମେଶ କୁମାର ଅଗ୍ରୱାଲା, ରମାକାନ୍ତ ବେହେରା, ରାଜେନ୍ଦ୍ର ସାହୁ, ବିଶ୍ୱଜିତ ବେହେରା, ଦୀପକ ବେହେରା ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶୁକ୍ରବାର, ୧ ନଭେମ୍ବର/୨୦୧୯, Dhenkanal, Friday, November 1 / 2019

## ସଂକ୍ଷେପରେ

### ଗଛଟିଏ, ଜୀବନଟିଏ କାର୍ଯ୍ୟକ୍ରମ



**ହିନ୍ଦୋଳ, ୩୧।୧୦(ଡି.ଏନ.ଏ.):** ହିନ୍ଦୋଳ ଏନ୍ଏସି ନୂତନପାଟଣା ଗ୍ରାମରେ ବୁଧବାର ଗଛଟିଏ, ଜୀବନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଉଦୟ କୁମାର ମହାପାତ୍ର, ତହସିଲଦାର ଅଜୟ କୁମାର ମଲ୍ଲିକ ଏବଂ ସିଡିପିଓ ବେର୍ଣ୍ଣାଡେଟ୍ ବାର୍ଲା ଅତିଥିଭାବେ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ଚାରା ପ୍ରଦାନ କରାଯିବା ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ତହସିଲ କାର୍ଯ୍ୟାଳୟ,ଏନ୍ଏସି କାର୍ଯ୍ୟାଳୟ ଏବଂ ଶିଙ୍କୋଳ ମହାଦେବ ମନ୍ଦିର ପରିସରରେ ଚାରା ଲଗାଯାଇଥିଲା। ପରିଷଦର ସମସ୍ତ ସଦସ୍ୟଙ୍କ ସମେତ ବହୁ କାଉନସିଲର ଉପସ୍ଥିତ ଥିଲେ।

### ୨ ପ୍ରଧାନ ଶିକ୍ଷକଙ୍କ ଅବସର




**ରାସୋଳ, ୩୧।୧୦(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ବୁହାଲିପାଳ ପଞ୍ଚାୟତ ପାଣିବିଳାସ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗଗନ ବିହାରୀ ମିଶ୍ର ଏବଂ ଜରଡ଼ା ନବପଲ୍ଲୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦେହୁରୀ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଏକ ଭାବବିହ୍ୱଳ ପରିବେଶରେ ଉଭୟଙ୍କୁ ସମ୍ପୃକ୍ତ ସ୍କୁଲର ଛାତ୍ରୀଛାତ୍ର ଏବଂ ସହକର୍ମୀମାନେ ବିଦାୟ ଦେଇଛନ୍ତି। ଗଗନ ବିହାରୀ ୧୯୮୩ରେ ପାଣିବିଳାସ ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରିଥିଲେ। ୨୦୧୫ରୁ ସେ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇ ଆସୁଥିଲେ। ଇଂଲିଶ ଏବଂ ଭୂଗୋଳ ବିଷୟରେ ତାଙ୍କର ବେଶ୍ ପାଣ୍ଡିତ୍ୟ ଥିଲା। ନିଜର ବ୍ୟବହାର ପାଇଁ ସେ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରିଥିଲେ। ସେହିପରି ପ୍ରଫୁଲ୍ଲ ୧୯୮୨ରେ କଳିଙ୍ଗାପାଳ ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରିଥିଲେ। ୨୦୧୩ରୁ ୨୦୧୫ ଯାଏ ସେ ରାସୋଳ ହାଇସ୍କୁଲରେ କାର୍ଯ୍ୟ କରିଥିଲେ। ୨୦୧୫ରୁ ନବପଲ୍ଲୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

### 'ଆଇନଶୃଙ୍ଖଳା ରକ୍ଷା କରିବା ପୋଲିସର ଗୁରୁଦାୟିତ୍ୱ'




**କାମାକ୍ଷାନଗର, ୩୧।୧୦(ଡି.ଏନ୍.ଏ.):** କଙ୍କଡାହାଡ଼ ଥାନା ପକ୍ଷରୁ ମରୁଆବିଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ଅଧକ୍ଷତା କରି କହିଲେ, ଆଇନଶୃଙ୍ଖଳା ରକ୍ଷା କରିବା ପୋଲିସର ଗୁରୁଦାୟିତ୍ୱ। ପୋଲିସ ସାଧାରଣ ଲୋକଙ୍କ ନିକଟତର ହେବା ଏବଂ ସମସ୍ତଙ୍କୁ ବନ୍ଧୁ ଭାବେ ବିଚାର କରି କାର୍ଯ୍ୟ କରିବାକୁ ଥାନାଧିକାରୀ ଆହ୍ୱାନ ଦେଇଥିଲେ। ଆଦିବାସୀ ବହୁଳ କଙ୍କଡାହାଡ଼ ଅଞ୍ଚଳରେ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ପୋଲିସ ଆଗେଇ ଆସିବାକୁ ସେ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବତନ ସରପଞ୍ଚ ପ୍ରତାପ ମାରାଣ୍ଡି, ଅମ୍ବୁଜ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁଙ୍କ ସମେତ ବହୁ ବହୁ ଅଞ୍ଚଳବାସୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ଝରକା ତାଡ଼ି ଚୋରି

**ସୋର, ୩୧।୧୦(ଡି.ଏନ.ଏ.):** ସୋର ମ୍ୟୁନିସିପାଲିଟି ଅଧୀନ ଉତ୍ତରେଶ୍ୱର ଗ୍ରାମର ନିରୋଦ ମହାନ୍ତିଙ୍କ ଭଉଣୀ ଘରେ ବୁଧବାର ରାତିରେ ଚୋରି ହୋଇଛି। ଘରେ କେହି ନ ଥିବାର ସୁଯୋଗ ନେଇ ଝରକା ତାଡ଼ି ଦୁର୍ବୃତ୍ତମାନେ ମୂଲ୍ୟବାନ ସାମଗ୍ରୀ ନେଇଯାଇଛନ୍ତି। ଏ ନେଇ ନିରୋଦ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

■ଗୃହ କାର୍ଯ୍ୟାଦେଶ ବିଲ୍ ପାଇଁ ଲାଞ୍ଚ

# ବାର୍ତ୍ତାଳାପ ରେକର୍ଡିଂ ଶୁଣାଇଲେ ହିତାଧିକାରୀ

**କାମାକ୍ଷାନଗର, ୩୧।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସୋଗର ପଞ୍ଚାୟତରେ ଆବାସ ଯୋଜନାର ବିଲ୍ ପୈଠ ପାଇଁ ବ୍ୟାପକ ଲାଞ୍ଚ କାରବାର ହେଉଛି। ଏଥିରେ ପିଇଓଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଥିବାବେଳେ ଏ ସମ୍ପର୍କିତ ଫୋନ୍ ରେକର୍ଡିଂ ଲାଗିଛି ଗଣମାଧ୍ୟମ ହାତରେ। ଅନ୍ୟପଟେ ରେକର୍ଡିଂ ଶୁଣିବା ପରେ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି ବିଡିଓ ବିକାଶ କୁମାର ମହାନ୍ତି।

■ଅଭିଯୋଗ ମିଥ୍ୟା:ପିଇଓ

■ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ବିଡିଓ

ସୋଗରପାଟଣା ସାହିର ଦିବ୍ୟାଙ୍ଗ ହିମାଂଶୁ ସ୍ୱାଇଁଙ୍କ ସ୍ତ୍ରୀ ରଶ୍ମିତା ଅଭିଯୋଗ କରିଛନ୍ତି ଯେ, ଆବାସ ଯୋଜନା ଗୃହ ନିର୍ମାଣ ସମ୍ପର୍କିତ ଶେଷ କିସ୍ତି ବିଲ୍ ପାଇଁ ସେ ନିର୍ବାହୀ ଅଧିକାରୀ (ପିଇଓ) ସୁଶାନ୍ତି ସେଠୀ ସହ ଫୋନ୍‌ରେ କଥାବାର୍ତ୍ତା ହୋଇଥିଲେ। ଏଥିପୂର୍ବରୁ ବିଲ୍ କରାଇ ଦେବାକୁ ତାଙ୍କଠାରୁ ୩ ହଜାର ଟଙ୍କା ଲାଞ୍ଚ ନିଆଯାଇଥିଲା। ସେଥିରୁ ୨ହଜାର ଟଙ୍କା ଏବିଡିଓଙ୍କୁ ଦିଆଯାଇଥିବା ପିଇଓଙ୍କ ସ୍ୱାମୀ ମଧ୍ୟସ୍ଥ ସାଜି ଫୋନ୍‌ରେ କହିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ହିତାଧିକାରୀ ୨ଟି କିସ୍ତିରେ ୫୦ ହଜାର ଟଙ୍କା ସରକାରଙ୍କଠାରୁ ପାଇଛନ୍ତି। ଅଥଚ ତାଙ୍କୁ ଅଦ୍ୟାବଧି କାର୍ଯ୍ୟାଦେଶ ପ୍ରଦାନ କରାଯାଇନାହିଁ। ଏ ସମ୍ପର୍କରେ ପଚାରିବାରେ ଗ୍ରାମର ଅନ୍ୟ ୫ଜଣ କାର୍ଯ୍ୟାଦେଶ ନ ପାଇ ଛାତ ପକାଇଲେଣି। ଏଥିପାଇଁ ବ୍ୟସ୍ତ ହେବା ଦରକାର ନାହିଁ। କାର୍ଯ୍ୟାଦେଶ ଦିଆଯିବ ବୋଲି କହୁଛନ୍ତି। ରଶ୍ମିତା କରଜ ଆଣି ଘର ତିଆରି କରୁଥିବା କହିଥିବାବେଳେ ବିଲ୍ ନ କରିବା ପାଇଁ ଚାପ ପଡୁଛି ବୋଲି ନିର୍ବାହୀ ଅଧିକାରୀ କହୁଛନ୍ତି। ଏ ସମ୍ପର୍କିତ ସମସ୍ତ କଥାବାର୍ତ୍ତା ମୋବାଇଲ ଫୋନ୍‌ରେ ରେକର୍ଡିଂ ହୋଇଛି, ଯାହାକୁ ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ରଶ୍ମିତା ବିଡିଓଙ୍କୁ ଶୁଣାଇଛନ୍ତି।

ଏ ନେଇ ପିଇଓଙ୍କ ମୋବାଇଲ (ନଂ.୮୦୧୮୨୫୮୧୦୦)ରେ ଯୋଗାଯୋଗ କରିବାରୁ ସେ କହିଲେ, ଅଭିଯୋଗ ଆଣିଥିବା ହିତାଧିକାରୀ ଘର କରୁଥିବା ଜମିକୁ ନେଇ ବିବାଦ ଅଛି। ତେଣୁ ଫାଇନାଲ ବିଲ୍ କରିବାରେ ବିଳମ୍ବ ହେଉଛି। ହିତାଧିକାରୀ ଆଣିଥିବା ଅଭିଯୋଗ ମିଥ୍ୟା। ରେକର୍ଡ ହୋଇଥିବା ଭଏସ୍ ତାଙ୍କର ନୁହେଁ ବୋଲି ପିଇଓ ନିଜ ପକ୍ଷ ରଖି କହିଛନ୍ତି।

ଅଭିଯୋଗ ସମ୍ପର୍କରେ ଏବିଡିଓ ସୁରେଶ ସାହୁଙ୍କୁ ପଚାରିବାରେ ସେ ଏଥିରେ ସମ୍ପୃକ୍ତ ନ ଥିବା ସ୍ପଷ୍ଟୀକରଣ ରଖିଛନ୍ତି। ଏଥିସହ ସମସ୍ତ ତଦନ୍ତର ସାମ୍ନା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ସେହିପରି ରେକର୍ଡିଂ ଶୁଣିବା ପରେ ବିଡିଓ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀଙ୍କୁ ଡାକି ତଦନ୍ତ କରିବେ। ତା' ସହ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବିଏସ୍ଏନ୍ଏଲ୍ ବିଭ୍ରାଟ, ରାସ୍ତାରେ ଉପଭୋକ୍ତା



**କାମାକ୍ଷାନଗର, ୩୧।୧୦(ଡି.ଏନ.ଏ.)**

କଙ୍କଡ଼ାହାଡ଼ ବ୍ଲକ ସଦର ମହକୁମାରେ ଦୀର୍ଘଦିନ ଧରି ବିଏସ୍ଏନ୍ଏଲ୍ ସେବାରେ ବିଭ୍ରାଟ ଦେଖାଦେଇଛି। ଫଳରେ ଉନ୍ନତମାନର ସେବା ଯୋଗାଇଦେବାକୁ ରାସ୍ତାକୁ ଓହ୍ଲାଇଛନ୍ତି ଅଞ୍ଚଳବାସୀ। ସେମାନେ ବୁଧବାର ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟ ଆଗରେ ପ୍ରତୀକ ଧର୍ମଘଟ କରିଥିବା ବେଳେ ଗୁରୁବାର ରାସ୍ତାରୋକୋ କରି ପ୍ରତିବାଦ ଜଣାଇଛନ୍ତି। ଉପଭୋକ୍ତାଙ୍କ ଅଭିଯୋଗ ଅନୁଯାୟୀ, ବିଏସ୍ଏନ୍ଏଲ୍ ସେବାରେ ବ୍ୟାପକ ବିଭ୍ରାଟ ଯୋଗୁ ବ୍ଲକ, ବ୍ୟାଙ୍କ, ତହସିଲ କାର୍ଯ୍ୟାଳୟକୁ ଜରୁରୀ କାର୍ଯ୍ୟରେ ଆସୁଥିବା ଲୋକମାନେ ହଇରାଣ ହେଉଛନ୍ତି। ବୁଧବାର ଆନ୍ଦୋଳନ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳିଲାନାହିଁ। ତେଣୁ ବାଧ୍ୟ ହୋଇ ସେମାନେ ଗୁରୁବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ୩୦ ଯାଏ କଙ୍କଡ଼ାହାଡ଼-କାମାକ୍ଷାନଗର ମୁଖରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ କାମାକ୍ଷାନଗରରୁ ମହାବିରୋଡ ଯାଏ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ସମସ୍ୟା ସମାଧାନ ନ ହେବା ଯାଏ ରାସ୍ତା ଅବରୋଧ ଚାଲିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ। କାମାକ୍ଷାନଗର ବିଏସ୍ଏନ୍ଏଲ୍ ଏସ୍ଡିଓ ଦେବଦତ୍ତ ପରିଡା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସନ୍ଧ୍ୟାରେ ଥାନାରେ ଏ ନେଇ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

■ଗାନ୍ଧୀ ସଙ୍କଳ୍ପ ପଦଯାତ୍ରା

# ମହାତ୍ମାଙ୍କ ବିଚାରଧାରା ପ୍ରେରଣାର ଉତ୍ସ



ପଦଯାତ୍ରାରେ ବଣସିଂହ ମଣ୍ଡଳ ଭାଜପାର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ/ପରଜଙ୍ଗ (ଡି.ଏନ୍.ଏ), ୩୧।୧୦**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ଅବସରରେ ବଣସିଂହ ଭାଜପା ମଣ୍ଡଳ ପକ୍ଷରୁ ଗୁରୁବାର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ତିଳପଦା ଗ୍ରାମଦେବତୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ଜିଲା ସାଧାରଣ ସମ୍ପାଦକ ପ୍ରେମାନନ୍ଦ ଜେନା, ସଦସ୍ୟତା ପ୍ରମୁଖ ମାତୃ ପ୍ରସାଦ ନନ୍ଦ, ମଣ୍ଡଳ ସଭାପତି ରାମଚନ୍ଦ୍ର ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ଦୀପକ ବେହେରାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ପଦଯାତ୍ରା ତିଳପଦା, ଅଁଳା, ବରହତା, ଭାଟକାଟେଣୀ ଗ୍ରାମ ପରିକ୍ରମା କରି ବଣସିଂହ ପଞ୍ଚାୟତର ଭାଟକାଟେଣୀସ୍ଥିତ ମା' ପାଟ୍ଟରାଣୀଙ୍କ ପୀଠରେ ଶେଷ ହୋଇଥିଲା। ଗାନ୍ଧୀଙ୍କ ବିଚାରଧାରା ଯୁବପିଢ଼ିଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ସ୍ୱଚ୍ଛତା, ଅହିଂସା, ଜନସଶକ୍ତୀକରଣ ଦିଗରେ ମହାତ୍ମାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି ଦଳୀୟ କର୍ମକର୍ତ୍ତାମାନେ ମତ ରଖିଥିଲେ। ପଦଯାତ୍ରାରେ ଉମାକାନ୍ତ ପାଣିଗ୍ରାହୀ, ଆର୍ତ୍ତବନ୍ଧୁ ମଲ୍ଲିକ, ଛାୟାକାନ୍ତି ରାଉଳ, ମାଳତି କମାର, ଇନ୍ଦ୍ରମଣି ନାୟକ, କୁଳମଣି ବାରିକ, ଚନ୍ଦ୍ରଶେଖର ମହାନ୍ତି, ପ୍ରକାଶ ଚନ୍ଦ୍ର ଦାସଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

ସେହିପରି ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜୟପୁରାକାଟେଣୀରେ ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଗାନ୍ଧୀ ସଙ୍କଳ୍ପ ପଦଯାତ୍ରା ଆୟୋଜିତ ହୋଇଥିଲା। ଦଳୀୟ କର୍ମକର୍ତ୍ତା ଗ୍ରାମ ପରିକ୍ରମା କରି ସ୍ୱଚ୍ଛତା ବାର୍ତ୍ତା ବାଣ୍ଟିଥିଲେ। ସେହିପରି ସିଦ୍ଧାନ୍ତବିହୀନ ରାଜନୀତି, ପରିଶ୍ରମବିହୀନ ଧନ ଉପାର୍ଜନ, ବିବେକବିହୀନ ସୁଖପ୍ରାପ୍ତି, ଚରିତ୍ରବିହୀନ ଜ୍ଞାନ, ସଦାଚାରବିହୀନ ବ୍ୟବସାୟ, ସମ୍ବେଦନବିହୀନ ବିଜ୍ଞାନ ଏବଂ ତ୍ୟାଗବିହୀନ ଉପାସନା ଭଳି ୭ ସାମାଜିକ ପାପରୁ ନିବୃତ୍ତ ରହିବାକୁ ଆହ୍ୱାନ ଦିଆଯାଇଥିଲା। ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ୨ ଚୋରା ମଦ ବେପାରୀ ଗିରଫ

**ସୋର, ୩୧।୧୦(ଡି.ଏନ.ଏ.)**

ସୋର ଅବକାରୀ ଥାନା ତରଫରୁ ଖଇରା ଥାନା ଅଧୀନରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ଖଇରା ଥାନା ବାଉଁଶଗଡ଼ିଆ ଜଙ୍ଗଲରେ ଦେଶୀ ଓ ମହୁଲି ମଦ ପ୍ରସ୍ତୁତି ଚାଲିଥିବା ଖବର ପାଇ ବିଭାଗୀୟ ଅଧିକାରୀମାନେ ଚଢ଼ାଉ କରିଥିଲେ। ସେଠାରେ ୨ ହଜାର ଲିଟର ମହୁଲି ପୋଚ ଓ ୨୨୨ଲିଟର ଦେଶୀ ମଦ ଜବତ କରାଯାଇଛି। ସେଠାରୁ ଜଣେ ଫେରାର ହୋଇଯାଇଥିବା ବେଳେ ଦୁର୍ଗା ହାଁସଦାଙ୍କଠାରୁ ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ସେହିପରି କଳମଚୁଆ ଗ୍ରାମର ଜଳଧର ପଲେଇଙ୍କଠାରୁ ୨୦ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଚଢ଼ାଉ ସମୟରେ ସୋର ଅବକାରୀ ଥାନାର ସବ୍ଇନ୍ସପେକ୍ଟର କୁଳମଣି ମହାରଣା ଓ ନୀଳଗିରି ଅଧିକାରୀ ଲକ୍ଷସାଧବ ପ୍ରଧାନଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଏନେଇ ମାମଲା (ନଂ. ୪୮, ୪୯, ୫୦/୨୦୧୯) ରୁଜୁ କରାଯାଇଛି।

## ଫଟୋରେ ଖବର



ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜାରେ ଚଳିତବର୍ଷ ବ୍ୟତିକ୍ରମ ହୋଇଛି। ଗୁରୁବାର ମା'ଙ୍କ ଭସାଣି କରାଯାଇଛି। ଜିଲାବାସୀଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବା ଆଶଙ୍କା କରି ଗୁରୁବାର ଆଇନଜୀବୀମାନେ ଶ୍ରୀବଳରାମଙ୍କ ମନ୍ଦିର ପରିସରରେ ଥିବା ମହାଲକ୍ଷ୍ମୀଙ୍କ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରିଛନ୍ତି।

# ବଡ଼ହାଟ ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା

**ଭୁବନ, ୩୧।୧୦(ଡି.ଏନ.ଏ.)**

ଭୁବନ ମଉଡ଼ମଣି ମହାଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ଭାବେ ପଦ୍ମନାଭ ବେହେରା, କାର୍ଯ୍ୟକାରୀ ସଭାପତି ବିପିନ ବିହାରୀ ସେଠୀ, ଉପସଭାପତି ସୁବ୍ରତ କୁମାର ସାହୁ, ସମ୍ପାଦକ ଅନୁକୂଳ ପୋଥାଳ, କୋଷାଧ୍ୟକ୍ଷ ଭାବେ ଡମ୍ବରୁଧର ସାହୁଙ୍କୁ ଚୟନ କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ପାଇଁ କୈଳାସ ଚନ୍ଦ୍ର ପାତ୍ର, ସୁରେନ୍ଦ୍ର କୁମାର ଗୁରୁ, ବିନୋଦ ମହାରଣା, ବିଳାସ ସାମଲ ପ୍ରମୁଖଙ୍କୁ ନେଇ ୧୫ ଜଣିଆ କମିଟି ଗଠିତ ହୋଇଛି। ଏହି ଅବସରରେ ଲକ୍ଷ୍ମୀପୂଜାରେ ମା'ଙ୍କ ପୂଜାର୍ଚ୍ଚନା କରିଥିବା ସେବକ ମାୟାଧର ସାହୁ ଏବଂ ଗଦାଧର ବେହେରାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ପୂଜା ମଣ୍ଡପର ଉନ୍ନତୀକରଣ ଏବଂ ପୂଜାକୁ ଆହୁରି ଆଡମ୍ବର ସହକାରେ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତ୍ୟାହାର ଦାବିରେ ସ୍କୁଲରେ ତାଲା



**ପରଜଙ୍ଗ, ୩୧।୧୦(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ଖାଲପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଷମା ଭୋଇଙ୍କ ବଦଳି ପ୍ରତ୍ୟାହାର ଦାବିରେ ଗୁରୁବାର ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବଦଳି ଆଦେଶ ପ୍ରତ୍ୟାହାର କରି ନିଆଯିବା ପରେ ଧାରଣା ହଟିଥିଲା।

ବ୍ଲକ ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୨୩୫୧ ଅନୁଯାୟୀ ଗତ ୨୯ ତାରିଖରେ ଶିକ୍ଷୟିତ୍ରୀ ସୁଷମାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ନିର୍ଦ୍ଦେଶନାମା ଆସିଥିଲା। ହେଲେ ଶିକ୍ଷାବର୍ଷ ମଝିରେ ଶିକ୍ଷୟିତ୍ରୀଙ୍କ ଏପରି ବଦଳିକୁ ସହଜରେ ଗ୍ରହଣ କରିପାରି ନ ଥିଲେ ଛାତ୍ରୀଛାତ୍ର ଏବଂ ଅଭିଭାବକ। ସେମାନେ ଏହାର ପ୍ରତିବାଦ କରିବା ସହ ଗୁରୁବାର ପୂର୍ବାହ୍ନ ୧୦ଟାରୁ ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ।

ଅଭିଭାବକଙ୍କ କହିବା କଥା, ସ୍କୁଲରେ ୪୨ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କୁ ପାଠ ପଢ଼ାଇବାକୁ ଦୁଇଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ହେଲେ ବର୍ଷଶେଷକୁ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ନିର୍ଦ୍ଦେଶ ଆସିଥିଲା। ଏହାଦ୍ୱାରା ପିଲାମାନଙ୍କ ପାଠପଢ଼ା ବ୍ୟାଘାତ ହେବ। ତେଣୁ ସେମାନେ ଏହାର ପ୍ରତିବାଦ ସ୍ୱରୂପ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି।

ସୂଚନା ପାଇ ସିଆର୍‌ସିସି ବଟକୃଷ୍ଣ ସିଂ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀଙ୍କ ପତ୍ରସଂଖ୍ୟା ୨୩୬୩ ଅନୁଯାୟୀ ବଦଳି ଆଦେଶ ରଦ୍ଦ କରାଯାଇଥିଲା। ଶିକ୍ଷୟିତ୍ରୀଙ୍କୁ ପୁନର୍ବାର ସ୍କୁଲରେ ଅବସ୍ଥାପିତ କରାଯିବା ପରେ ତାଲା ଖୋଲିଥିଲା। ଏହାପରେ ଶିକ୍ଷାଦାନ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

## ଠିକାଦାର ମାରଣନୀତି ବିରୋଧରେ କାର୍ଯ୍ୟବନ୍ଦ ଡାକରା

**ସୋର, ୩୧।୧୦(ଡି.ଏନ.ଏ.)**

ଠିକାଦାର ମାରଣନୀତି ବିରୋଧରେ ନିଖିଳ ଓଡ଼ିଶା ଠିକାଦାର ମହାସଂଘ ଆହ୍ୱାନକ୍ରମେ ସୋର ଠିକାଦାର ମହାସଂଘ ତରଫରୁ ବିଭିନ୍ନ ଦାବି ନେଇ ନଭେମ୍ବର ୧ରୁ କାର୍ଯ୍ୟ ବନ୍ଦ ଡାକରା ଦିଆଯାଇଛି। ବିଭିନ୍ନ ଦାବି ମଧ୍ୟରେ ୨୦୧୪ ସ୍ଥିରୀକୃତ ସିଡ୍ୟୁଲ ରେଟ୍‌ର ୨୦୧୯ ମୂଲ୍ୟଭିତ୍ତିରେ ପୁନଃ ଆକଳନ, ଡାଟା ବୁକ୍‌ର ତୁରନ୍ତ ପ୍ରଚଳନ ସହିତ ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀର ତୁରନ୍ତ ପ୍ରଚଳନ, ଉଚ୍ଚନ୍ୟାୟାଳୟର ବର୍ଦ୍ଧିତ ମୂଲ୍ୟନୁସାରେ ପ୍ରଦାନ, ଶ୍ରମିକ ମଜୁରି ନିର୍ଦ୍ଧାରଣ ସହିତ ଠିକାଦାରମାନଙ୍କୁ ଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ ଆଦି ଦାବି ଅନ୍ତର୍ଭୁକ୍ତ। ସୋର ଶାଖାର ସଭାପତି ପ୍ରଭାତ କୁମାର ଦାଶ, ଦୁର୍ଗାମାଧବ ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ, ରମେଶ ଚନ୍ଦ୍ର ଦାସମହାପାତ୍ର, ମହିରଞ୍ଜନ ଧଡ଼ା ପ୍ରମୁଖ ଠିକାଦାର ଏଥିରେ ସାମିଲ ହୋଇଥିଲେ। ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

■ଆବାସ କାର୍ଯ୍ୟାଦେଶ ପାଇଁ ଲାଞ୍ଚ ମାମଲା

# ତଦନ୍ତ କଲେ ଏପିଡି



**ପରଜଙ୍ଗ, ୩୧।୧୦(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଁ ଲାଞ୍ଚ କାରବାର ହେଉଥିବା ହିତାଧିକାରୀମାନେ ଅଭିଯୋଗ ଆଣିଥିଲେ। ଗୁରୁବାର ଏପିଡି ସରିତା ଷଡ଼ଙ୍ଗୀ, ଓଡ଼ିଶା ଜୀବିକା ମିଶନ ଏପିଡି ମୌସୁମୀ ମହାନ୍ତି, ପିଇଓ ନକୁଳ ବେହେରା ଏହାର ତଦନ୍ତ କରିଛନ୍ତି।

ସୂଚନାଯୋଗ୍ୟ, ହିତାଧିକାରୀ ଲବଙ୍ଗ ବେହେରା, ସୁଶାନ୍ତ ବିଶ୍ୱାଳ, ଅଞ୍ଜଳି ଦେହୁରୀ ପ୍ରମୁଖ ପାଟରପଦା ସରପଞ୍ଚ ଦୁଃଶାସନ ବିଶ୍ୱାଳଙ୍କ ବିରୋଧରେ କାର୍ଯ୍ୟାଦେଶ ପାଇଁ ଲାଞ୍ଚ ନେଉଥିବା ଅଭିଯୋଗ ଆଣିଥିଲେ। ଏହାପରେ ଘଟଣାର ସତ୍ୟାସତ୍ୟ ଜାଣିବାକୁ ଏହାର ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ବିଡିଓ ବସନ୍ତ ମଲ୍ଲିକ କୁହନ୍ତି, ଅଭିଯୋଗକାରୀମାନେ ସରପଞ୍ଚଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଏ ନେଇ କୌଣସି ପ୍ରମାଣ ଦେଇନାହାନ୍ତି। ଏହା ଉପରେ ବ୍ଲକ ପ୍ରଶାସନ ପକ୍ଷରୁ ସରପଞ୍ଚଙ୍କୁ କୈଫିୟତ ମଗାଯାଇଥିଲା। ସରପଞ୍ଚ ଏହାର ଉତ୍ତର ରଖିଛନ୍ତି। ଅନ୍ୟପଟେ ହିତାଧିକାରୀ ଲବଙ୍ଗ କୁହନ୍ତି, ସେ ସମ୍ପୂର୍ଣ୍ଣ ବିଲ୍ ପାଇସାରିଛନ୍ତି। କାର୍ଯ୍ୟାଦେଶ ଦେବାକୁ ସେ ୨ବର୍ଷ ତଳେ ଟଙ୍କା ଦେଇଥିବା କହିଛନ୍ତି। ସେହିପରି ଅଞ୍ଜଳି କୁହନ୍ତି, ସେ ୧୦ ହଜାର ଟଙ୍କା ଦେଇଥିଲେ। ଉକ୍ତ ଟଙ୍କା ସରପଞ୍ଚ ଫେରାଇ ଦେଇଛନ୍ତି। ହିତାଧିକାରୀଙ୍କ ଅଭିଯୋଗକୁ ନେଇ ସରପଞ୍ଚ ନିଜ ପକ୍ଷ ରଖି କୁହନ୍ତି, ସେ କୌଣସି ଟଙ୍କା ନେଣଦେଣ କାରବାରରେ ସମ୍ପୃକ୍ତ ନାହାନ୍ତି। ତେଣୁ ଟଙ୍କା ଫେରାଇବାର ପ୍ରଶ୍ନ ଉଠୁନାହିଁ। ଅନ୍ୟପଟେ ଅଭିଯୋଗପତ୍ରରେ ଦର୍ଶାଯାଇଥିବା ସାକ୍ଷୀମାନଙ୍କୁ ଡକାଯାଇଥିଲେ ମଧ୍ୟ କେହି ଆସି ନ ଥିବା ଜଣାପଡ଼ିଛି। ସେହିପରି ରେଣ୍ଟାପାଟ ପଞ୍ଚାୟତ ଅନ୍ତର୍ଗତ ପାଣିଗେଙ୍ଗୁଟିଆ ଗ୍ରାମରେ ମଧ୍ୟ ଅନୁରୂପ ଅଭିଯୋଗ ଆସିଥିବାବେଳେ ତଦନ୍ତକାରୀ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଥିବା ଜଣାପଡ଼ିଛି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ